## ସଂକ୍ଷେପରେ

### ବଧୂହତ୍ୟା ଅଭିଯୋଗ

ମହାକାଳପଡ଼ା,୯।୬(ଡି.ଏନ୍.ଏ.): ମହାକାଳପଡା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ କୋଚିଳା ଗ୍ରାମରେ ବଧୂହତ୍ୟା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଏହି ବ୍ଲକ ଅଧୀନ ବିଜୟ ନଗର ଗ୍ରାମର ସ୍ମିତା ପ୍ରଧାନ । ଏନେଇ ତାଙ୍କ ଭାଇ ଶିବ ପ୍ରସାଦ ଖୁଣ୍ଟିଆ ରବିବାର ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ ୬୫/୧୯) ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀ କୋଚିଳା ଗ୍ରାମର କାଳନ୍ଦୀ ପ୍ରଧାନଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନାଯୋଗ୍ୟ, ସ୍ମିତା ପ୍ରାୟ ଏକ ବର୍ଷ ପୂର୍ବେ କାଳନ୍ଦୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ସମୟରେ ଉଭୟ ନାବାଳିକା ନାବାଳକ ଥିଲେ। ଶନିବାର କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଉକ୍ତ ଦିନ ବିଳମ୍ବିତ ରାତିରେ ସ୍ମିତା କୀଟ ନାଶକ ଔଷଧ ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଶାଶୁଘର ଲୋକେ ତାଙ୍କୁ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ସ୍କୁଲ ସାର୍ଟିଫିକେଟ ସହ ପାରିପାର୍ଶ୍ୱିକ ଘଟଣାର ତଦନ୍ତ ହେବା ପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ପୋଲିସ ଅଧିକାରୀ ମନୋରଞ୍ଜନ ଚୌଧୁରୀ କହିଛନ୍ତି।

### ସାହିତ୍ୟ ଆସର

ପଟ୍ଟାମୁଣ୍ଡାଇ,୯।୬ (ସ୍ୱ.ପ୍ର) : ପଟ୍ଟାମୁଣ୍ଡାଇ ବେଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଏଥିରେ କବି ବ୍ରଜବନ୍ଧୁ ଦାଶ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଗୌରବ ସାହିତ୍ୟ ପତ୍ରିକାର କବି ଶଙ୍କର୍ଷଣ ଦାଶ , ସମ୍ମାନିତ ଅତିଥି ଭାବେ କବି ଭୀମସେନ ପରିଡା, ଆମ ଗାଁ ସାହିତ୍ୟ ଅନୁଷ୍ଠାନ ସଭାପତି ସଞ୍ଜୟ କୁମାର ମଲ୍ଲିକ ଓ ମୁଖ୍ୟବକ୍ତା ଭାବେ କଥାକାର ପ୍ରଦୀପ ନାୟକ ଯୋଗଦେଇ ନିଦାଘ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ କବିତା ପାଠୋତ୍ସବ କବି ସଚିତ୍ର ବେହୁରା, ମନୋରଞ୍ଜନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । କବିତା ପାଠୋତ୍ସବରେ ଶୈଳବାଳା ନନ୍ଦ, ମନୋଜ ଶତପଥୀ, ପ୍ରସନ୍ନ ବେହୁରା, କୁଳମଣି ସାହୁ, ନାରାୟଣ ପ୍ରସାଦ ରାଉଳ, ମହନ୍ତ କୁମାର ମଲିକ, ଗୌରାଙ୍ଗ ଚରଣ ମହାନ୍ତି, କୁଳମଣି ରାଉତ, ଉମାବଲ୍ଲଭ ନାୟକ, ସରୋଜ କୁମାର ଆଚାର୍ଯ୍ୟ, ଶୁଭକାନ୍ତ ଚୌଧୁରୀ, ସନ୍ତୋଷ ପତି ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଆସରରେ ଶ୍ରେଷ୍ଠ କବି ଭାବରେ କୁଳମଣି ସାହୁଙ୍କୁ ସଙ୍ଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ଶଙ୍କର୍ଷଣ ଦାଶ ଓ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥ ଦାଶ, ବିଜୟ କୁମାର ଜେନା, ଅବିନାଶ ଚୋଧୁରୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

### ସଙ୍ଗୀତଜ୍ଞଙ୍କ ବିୟୋଗରେ ଶୋକ

ପଟ୍ଟାମୁଣ୍ଡାଇ, ୯।୬ (ସ୍ୱ.ପ୍ର) : ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣାଶୁଣା ସଙ୍ଗୀତ ସାଧକ ଦଣ୍ଡବିହାରୀ ଦାସ(୬୬)ଙ୍କ ରବିବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ସଙ୍ଗୀତ ପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି ।

■ ସରକାରୀ ଅନୁଦାନ ସତ୍ତ୍ୱେ ସୁଦୃଢ଼ ହେଉନି ନଦୀବନ୍ଧ

# ଜିଲାବାସୀଙ୍କୁ ଘାରିଛି ବନ୍ୟା ଭୟ

■ ପ୍ରତିବର୍ଷ ଜିଲାର ୫୫ ପଞ୍ଚାୟତରେ ପଶୁଛି ବନ୍ୟାଜଳ
■ ଫସଲ ଉଜୁଡ଼ିବା ସହ ନଷ୍ଟ ହେଉଛି ପ୍ରାକୃତିକ ସମ୍ପଦ
■ ଅଧିକ ପ୍ରଭାବିତ ହେଉଛି ଗରଦପୁର ବ୍ଲକ

କେନ୍ଦ୍ରାପଡ଼ା ଅଫିସ, ୯।୬

ବନ୍ୟା ମୁକାବିଲା ପାଇଁ ଜିଲାସ୍ତର ବୈଠକରେ ଆଲୋଚନା ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲାରେ ଏହି ଅନୁଦାନ ଅର୍ଥର ପ୍ରଭାବ ଦେଖିବାକୁ ମିଳୁନାହିଁ। ପ୍ରାକୃତିକ ବିପର୍ଯ୍ୟୟ ଭରା ଏହି ଜିଲାର ୫୫ ପଞ୍ଚାୟତବାସୀଙ୍କ ପାଇଁ ବନ୍ୟା ଏକ ଆତଙ୍କ ପାଲଟିଛି। ଜିଲାରେ ପ୍ରବାହିତ ବିଭିନ୍ନ ନଦୀର ସୁଦୃଢ଼ ବନ୍ଧ ନ ଥିବାରୁ ନଦୀରେ ସାମାନ୍ୟ ବନ୍ୟା ପାଣି ଆସିଲେ ଆଳିର ୧୬ ପଞ୍ଚାୟତ, ପଟ୍ଟାମୁଣ୍ଡାଇର ୧୪, ରାଜନଗରର ୪, ମାର୍ଶାଘାଇର ୯, ଡେରାବିଶର ୨, ମହାକାଳପଡ଼ାର ୯, ଗରଦପୁର ବ୍ଲକର ଗୋଟିଏ ପଞ୍ଚାୟତରେ ମାଡ଼ିଯିବାର ଭୟ ରହିଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ବାନାମ୍ବର ସାହୁ କୁହନ୍ତି, ଜିଲାରେ ଲୁଣା, ଚିତ୍ରୋତ୍ପଳା, ପାଇକା, ମହାନଦୀ, ବିରୂପା, ବ୍ରାହ୍ମଣୀ, ଗୋବରୀ ନଦୀ ବହିଯାଇଛି। ଏହି ନଦୀ ମଧ୍ୟରୁ ବର୍ଷା ଜଳ ଗୋବରୀକୁ ଭରପୁର କରୁଥିବା ବେଳେ ମହାନଦୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ପାଣି ହଠାତ ଆସି ଏହି ଉପାନ୍ତ ଅଞ୍ଚଳରେ ଖେଳେଇ ହୋଇଯାଏ। କେନ୍ଦ୍ରାପଡ଼ା ଜିଲା ସ୍ୱତନ୍ତ୍ରପାହ୍ୟାକୁ ଇତିମଧ୍ୟରେ ୨୬ବର୍ଷ ବିତିଥିଲେ ମଧ୍ୟ ଅଦ୍ୟାବଧି ମହାନଦୀ, ବ୍ରାହ୍ମଣୀ ସିଷ୍ଟମ ଓ ଖରସ୍ରୋତା ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ବାନାମ୍ବର କହିଛନ୍ତି। ସେହିପରି ରାଜନଗରର ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ଏହି ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ। ସାମାନ୍ୟ ବନ୍ୟା ହେଲେ ଜିଲାର ୧୬୦ ଗ୍ରାମକୁ ବନ୍ୟାଜଳ ପଶିଆସୁଛି। ବିଶେଷକରି ରାଜକନିକା ଓ ଆଳି ବ୍ଲକ ଅଞ୍ଚଳର ସର୍ବାଧିକ ୫୦ଗାଁ ବନ୍ୟା ଯୋଗୁ ପ୍ରଭାବିତ ହେଉଛି। ସେହିପରି ରାଜନଗରର ୩୪ଗାଁ, ପଟ୍ଟାମୁଣ୍ଡାଇର ୨୫ ଗାଁ ବନ୍ୟା ଘେରରେ ରହୁଥିବା ବେଳେ ମହାକାଳପଡା, ମାର୍ଶାଘାଇ, କେନ୍ଦ୍ରାପଡ଼ା, ଗରଦପୁର ବ୍ଲକ ଅଞ୍ଚଳ କେତେକ ଗ୍ରାମ ପ୍ରଭାବିତ ହେଉଛି। ତେବେ ଅତ୍ୟଧିକ ବନ୍ୟା ସମୟରେ ଗରଦପୁର ବ୍ଲକ ସର୍ବାଧିକ ପ୍ରଭାବିତ ହେଉଛି। ଏଥିସହ ବନ୍ୟା ଯୋଗୁ ବ୍ୟାପକ ଚାଷ ଉଜୁଡିବା ସହ ଅନେକ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି। ନଦୀ ଶଯ୍ୟା ଖନନ, ବନ୍ଧବାଡର ମରାମତି ଓ ନୂତନ ବନ୍ଧର ଆବଶ୍ୟକତା ଦେଇଥିବା ବୋଲି ହେମନ୍ତ ପ୍ରକାଶ କରିଛନ୍ତି। ଗୋବରୀ ନଦୀ କୂଳରେ ବସବାସ କରୁଥିବା କେନ୍ଦ୍ରାପଡା ଗଣ୍ଡାକିଆ ଗ୍ରାମର ହରିହର ସ୍ୱାଇଁ କୁହନ୍ତି, ପ୍ରତିବର୍ଷ ବନ୍ୟା ତାଙ୍କ ସବୁ ଉପାର୍ଜନକୁ ଛଡାଇ ନେଉଛି। ଏଠାରେ ସରକାରଙ୍କ ପକ୍ଷରୁ ବନ୍ଧ ନିର୍ମାଣ ହୋଇ ନଥିବାରୁ ଗୋବରୀରେ ସାମାନ୍ୟ ବନ୍ୟା ପାଣି ଆସିଲେ ବାଡ଼ିରେ ପଶୁଛି। ତୁରନ୍ତ ଏହି ସ୍ଥାନରେ ନଦୀବନ୍ଧ ଆବଶ୍ୟକ ବୋଲି ହରିହର ମତ ଦେଇଛନ୍ତି।

ବନ୍ୟା ଜଳକୁ ଉପଯୋଗ କରିବା ପାଇଁ ଭଏସ ଅଫ କେନ୍ଦ୍ରାପଡାର ସଭାପତି ମାତୃଦତ୍ତ ମହାନ୍ତି କହିଛନ୍ତି, ନଦୀଜଳର ସୁମଧୁର ପାଣିକୁ ସମୁଦ୍ରରେ ନ ଛାଡି ପାନୀୟ ଜଳ ଓ ଚାଷ କାର୍ଯ୍ୟରେ ଲଗାଇବା ପାଇଁ ବହୁ ମତ ମିଳିଛି। ସେହିପରି ବନ୍ୟା ସମୟରେ ନଦୀ ଜଳର ସୁପରିଚାଳନା ଓ ଉଦ୍‌ବୃତ୍ତ ଜଳସମସ୍ୟାର ସମାଧାନ କରିବା ଅବଶ୍ୟକ। ନଦୀ ସଂଯୋଗୀକରଣ ଦ୍ୱାରା ବନ୍ୟା ନିୟନ୍ତ୍ରଣ ସହ ଚାଷ ଓ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଥିବା ୫୫ ପଞ୍ଚାୟତକୁ ବନ୍ୟା ଦାଉରୁ ରକ୍ଷା କରିବା ନିମନ୍ତେ ଯୋଜନା ଆରମ୍ଭ ହୋଇଥିବା ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ, ଜିଲାରେ ବନ୍ୟା ସମସ୍ୟା ସହିତ ଉଦ୍‌ବୃତ୍ତ ଜଳର ନିଷ୍କାସନ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏ ସମ୍ପର୍କରେ ଗତ ବୈଠକରେ ପ୍ରଶାସନିକସ୍ତରରେ ଆଲୋଚନା ହୋଇସାରିଛି। ନଦୀବନ୍ଧ ସୁଦୃଢ଼ ସହିତ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ନାଳ ସଫା କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଦିନରେ ଏହାର ସୁଫଳ ଜିଲାବାସୀଙ୍କୁ ମିଳିବ ବୋଲି ଉପଜିଲାପାଳ ମିଶ୍ର କହିଛନ୍ତି।

## ଦେବ ଦମ୍ପତିଙ୍କ ନଗର ପରିକ୍ରମା

କେନ୍ଦ୍ରାପଡା ଅଫିସ, ୯।୬

ସହରର ଗୋପସ୍ଥିତ ଶ୍ରୀ ଅମରେଶ୍ୱର ମହାଦେବଙ୍କ ପୀଠରେ ଶୀତଳଷଷ୍ଠୀ ଉପଲକ୍ଷେ ଶିବ ବିବାହ ଓ ରୁଦ୍ର ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ଯଜ୍ଞର ପୂର୍ଣ୍ଣାହୁତି ପରେ ଦେବ ଦମ୍ପତିଙ୍କ ଚଳନ୍ତି ବିଗ୍ରହକୁ ନଗର ପରିକ୍ରମା କରାଯାଇଥିଲା। ବୁଧବାରଠାରୁ ଯଜ୍ଞର ଅଙ୍କୁରାରୋପଣ କରାଯାଇ ଗୁରୁବାର ଠାରୁ ତିନିଦିନିଆ ରୁଦ୍ର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗୁରୁ ପୂଜା, ସୂର୍ଯ୍ୟପୂଜା ଓ ଗୋ ପୂଜା କରାଯାଇ ଅଗ୍ନି ସ୍ଥାପନ ସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଶୋଭାଯାତ୍ରା ମନ୍ଦିର ପରିସରରୁ ବାହାରି ସହରର କେଶପୁର ବଜାର, ନସଡିପୁର, ମୀରପାଟଣା, କାକଟ, ବଡହାଟ, ପୁରୁଣା ବସଷ୍ଟାଣ୍ଡ, ବଳଗଣ୍ଡି, ମଡିଆଳ, ସାନ୍ତସାହି ପ୍ରଭୃତି ଦେଇ ଶ୍ରୀବଳଦେବଜୀଉଙ୍କ ପୀଠ ଇଚ୍ଛାପୁର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବଡଠାକୁରଙ୍କ ଆଜ୍ଞାମାଳ ନେବା ପରେ ଏହି ଶୋଭାଯାତ୍ରା ବିଳମ୍ବିତ ରାତିରେ ଅମରେଶ୍ୱର ପୀଠକୁ ଫେରି ଆସିଥିବା ଜଣାପଡିଛି। ଏହି ଶୋଭାଯାତ୍ରାରେ ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

## କଣ୍ଠଶିଳ୍ପୀ ସୁଧାଂଶୁ ଦାସଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ, ୯।୬ (ସ୍ୱ.ପ୍ର)


ସୁଧାଂଶୁଶେଖର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପଟ୍ଟାମୁଣ୍ଡାଇ ବ୍ଲକ ଅମୃତମଣୋହି ପଞ୍ଚାୟତ ସିଦ୍ଧବାଲି ଗ୍ରାମର ସୁଧାଂଶୁ ଶେଖର ଦାସଙ୍କୁ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଗତ ଶନିବାର କଟକ ଶହୀଦ ଭବନ ଠାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ତାଙ୍କୁ ଏକ ମାନପତ୍ର ସହ ପଦକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ଉତ୍ସବରେ ପରିଷଦର ସଭାପତି ବିଜୟାନନ୍ଦ ନାୟକ, ଉପସଭାପତି କ୍ଷୀରୋଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ଜେନା, ସାଧାରଣ ସମ୍ପାଦକ ନରେନ୍ଦ୍ର ନାଥ ଓଝା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ କଣ୍ଠଶିଳ୍ପୀ ଦାସ ସମ୍ବର୍ଦ୍ଧିତ ହୋଇ ଗ୍ରାମକୁ ଫେରିବା ପରେ ଅମୃତମଣୋହି, ଅଣ୍ଟରା, ବଲୁରିଆ, ଦାଣ୍ଡିସାହି, ତରଡିପାଳ ଆଦି ଗ୍ରାମର ସଙ୍ଗୀତପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ଆନନ୍ଦ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, ଗତ ୩୦ବର୍ଷ ହେଲା ସିଦ୍ଧବାଲି ଗ୍ରାମର କଣ୍ଠଶିଳ୍ପୀ ଦାସ ସମଗ୍ର କେନ୍ଦ୍ରାପଡା ଜିଲାରେ ବିଭିନ୍ନ ସାଂସ୍କୃତିକ ଓ ଧର୍ମୀୟ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି । ତାଙ୍କର ନିରବଚ୍ଛିନ୍ନ ସଙ୍ଗୀତ ସାଧନା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି ।

## ନଦୀରେ ବୁଡି ନାବାଳକ ମୃତ

ଆଳି,୯।୬(ଡି.ଏନ୍.ଏ)

ନଦୀରେ ବୁଡିଯିବାରୁ ରବିବାର ସକାଳେ ଆଳି ଥାନା ଅନ୍ତର୍ଗତ ଭୁଇଁପୁର ପଞ୍ଚାୟତର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ପଞ୍ଚାୟତ ଅନ୍ତର୍ଗତ ମାନପୁର ପାଟଣା ଗ୍ରାମର ସୁନୀଲ ଦାସଙ୍କ ପୁଅ ସଞ୍ଜିବ ଦାସ(୧୬)। ସକାଳେ ଶୌଚ ହେବାକୁ ସେ ମାନପୁର ପୋଲକୁ ନିକଟକୁ ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିଥିଲେ। ନଦୀ ତୁଠରେ ତାଙ୍କ ଚପଲ ପଡ଼ିଥିବା ଦେଖି ଅଗ୍ନିଶମ ସେବା ସଂସ୍ଥାରେ ଖବର ଦେଇଥିଲେ। ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ସଞ୍ଜିବଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିଲେ। ଏହାପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ତାରିଣୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଦିବସ


ସଭାରେ ଅତିଥିମାନେ।

ପଟ୍ଟାମୁଣ୍ଡାଇ, ୯।୬ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବାଲିପଡା ଗ୍ରାମର ମା’ ତାରିଣୀ ମନ୍ଦିରର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଦିବସ ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ କଳସ ଯାତ୍ରା ଗ୍ରାମ ପରିକ୍ରମା କରିବା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ ଓ ସୁମିତ୍ରା ମଳିକଙ୍କ ସାଥୀମାନେ ଭଜନ ପରିବେଷଣ କରି ଶ୍ରୋତାମାନଙ୍କ ମନ ଜିଣି ନେଇଥିଲେ । ଦ୍ୱିତୀୟ ଦିବସ ସନ୍ଧ୍ୟାରେ ପୂଜ୍ୟପୂଜାର ପରମ୍ପରା ବଜାୟ ରଖିବା ପାଇଁ ବୟସ୍କ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ଅବସରରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ମୁଖ୍ୟଅତିଥି, ମଦନପୁର ୟୁକେ ମହାବୀର କଲେଜ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାମ୍ୟ ସଂସ୍କୃତିର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ହାଇକୋର୍ଟରେ ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ ଯୋଗଦେଇ ଗ୍ରାମ୍ୟ ଜୀବନ, ଆଧାତ୍ମିକ ଚେତନା ପୂଜ୍ୟପୂଜା ବଜାୟ ରଖିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । କମିଟି ସମ୍ପାଦକ ସଞ୍ଜୟ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶରତ କୁମାର ସାହୁ, ସୁନାକର ଦାସ, ରଞ୍ଜିତ ସାହୁ, ରଞ୍ଜନ ସାହୁ, ରବୀନ୍ଦ୍ର ସାହୁ, ମନୋରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଶଶୀଭୂଷଣ ତ୍ରିପାଠୀ, ରମା ଦାସ ଓ ରମାକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

■ ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀଙ୍କୁ ହତ୍ୟା

## ରକ୍ତଭିଜା ଟାଙ୍ଗିଆ ଧରି ଥାନାରେ ସ୍ୱାମୀଙ୍କ ଆତ୍ମସମର୍ପଣ

ପାଟକୁରା,୯।୬(ଡି.ଏନ୍.ଏ.)


ଘଟଣାସ୍ଥଳରେ ପୋଲିସ ତଦନ୍ତ ଚଳାଇଛି।

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ଅରଖ କୁଦ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ପରକୀୟା ପ୍ରୀତି ସନ୍ଦେହରେ ଗ୍ରାମର ଚନ୍ଦ୍ରଶେଖର ଜେନା ତାଙ୍କ ସ୍ତ୍ରୀ କନକଲତା ଜେନା(୩୦)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି । ରବିବାର ସକାଳେ ରକ୍ତ ଲାଗିଥିବା ଟାଙ୍ଗିଆ ଧରି ସ୍ୱାମୀ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଖବରପାଇ ସମ୍ପୃକ୍ତ ମହିଳାଙ୍କ ଭାଇ ସନାତନ ଜେନା ପହଞ୍ଚି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ -୧୪୬/୨୦୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଟାଙ୍ଗିଆ ସହ ଏକ ସ୍କୁଟି ଗାଡି ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଚନ୍ଦ୍ରଶେଖର ୫ବର୍ଷ ତଳେ ବଡଚଣା ଥାନା ଅନ୍ତର୍ଗତ କୁମୁଡ଼ା ଜଇପୁର ଗ୍ରାମର କନକଲତାଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଗୋଟିଏ ୪ବର୍ଷର ଶିଶୁପୁତ୍ର ଅଛି । କନକଲତା ପରକୀୟା ପ୍ରୀତିରେ ଲିପ୍ତଥିବା ସନ୍ଦେହକରି ପୂର୍ବରୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେଉଥିଲା। ଶନିବାର ଏହି ଘଟଣାକୁ କେନ୍ଦ୍ର କରି ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପୁନର୍ବାର ପାଟିତୁଣ୍ଡ ହୋଇଥିଲା। ରାତିରେ ଖାଇସାରି କନକଲତା ଶିଶୁପୁତ୍ର ଓ ସ୍ୱାମୀଙ୍କ ସହ ଶୋଇଥିଲେ। ତାଙ୍କୁ ନିଦ ହୋଇଯିବା ପରେ ପୂର୍ବ ଯୋଜନା ମୁତାବକ ଚନ୍ଦ୍ରଶେଖର ଏକ ଧାରୁଆ ଟାଙ୍ଗିଆରେ ସ୍ତ୍ରୀଙ୍କ ମୁଣ୍ଡରେ ଚୋଟ ମାରିଥିଲେ । ଫଳରେ ଘଟଣାସ୍ଥଳରେ କନକଲତାଙ୍କ ମୃତ୍ୟୁ ହୋଇଥିଲା। ପରେ ଚନ୍ଦ୍ରଶେଖର କୋରୁଆ ଫାଣ୍ଡିରେ ପହଞ୍ଚି ନିଜର ଦୋଷ ସ୍ୱୀକାର କରିଥିଲେ। ତାଙ୍କୁ ପୋଲିସ ହେପାଜତରେ ପାଟକୁରା ଥାନାକୁ ନିଆଯିବାପରେ ସେଠାରେ ସେ ଆତ୍ମସମର୍ପଣ କରିଥିଲେ। ଏହାପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ଉପଜିଲାପାଳ ସଞ୍ଜୟ ମିଶ୍ରଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଚଳାଇଛନ୍ତି। ଏଥିସହ ପୋଲିସ ପକ୍ଷରୁ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡା ସଦର ଚିକିତ୍ସାଳୟକୁ ପଠାଯାଇଛି।

## ବିଧାୟକ ସରୋଜଙ୍କୁ ଗିରଫ ଦାବି

ପଟ୍ଟାମୁଣ୍ଡାଇ, ୯।୬ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଦଳିତ ଜାତି ସଂଘ ପକ୍ଷରୁ ଶନିବାର ସ୍ଥାନୀୟ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ବସି ବଲାଙ୍ଗୀର ଜିଲାର ପାଟଣାଗଡ ବିଧାୟକ ସରୋଜ ମେହେରଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଛି। ବିଧାୟକ ମେହେର ନିମ୍ନମାନର ରାସ୍ତା କାମ ପାଇଁ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବିଚ୍ ରାସ୍ତାରେ ସାଧାରଣ ଲୋକଙ୍କ ଉପସ୍ଥିତିରେ ଉଠ ବସ କରିବା ଦଳିତମାନଙ୍କୁ ଘୋର ଆଘାତ ଦେଇଛି। ଏହାଦ୍ୱାରା ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଛି ବୋଲି ପଟ୍ଟାମୁଣ୍ଡାଇ ଦଳିତ ଜାତି ସଂଘ ସଭାପତି କଳ୍ପତରୁ ମଳିକ କହିଛନ୍ତି । ବିଧାୟକ ମେହେରଙ୍କୁ ଯଥାଶୀଘ୍ର ଗିରଫ କରା ନ ଗଲେ ଦଳିତ ଜାତି ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ବରିଷ୍ଠ ଦଳିତ ନେତା ବାବାଜୀ ମଳିକ, ବିଷ୍ଣୁ ଚରଣ ମଳିକ, ଉଦୟ ମଳିକ, ରାଜକିଶୋର ମଳିକ, ସର୍ବେଶ୍ୱର ସେଠୀ, ମହେଶ୍ୱର ସେଠୀ, ଲକ୍ଷ୍ମୀ ଗୋଚ୍ଛାୟତ, ସନ୍ତୋଷ ମଳିକ, ଆର୍ତ୍ତତ୍ରାଣ ମଳିକ, ଗୋଲାମ ମଳିକ, ରବୀନ୍ଦ୍ର ଯେନା, ଦୀପକ ମଳିକ, ସୁଦାମ ମଳିକ, ଦିଲିପ ମଳିକ, କୁମରମଣି ମଳିକଙ୍କ ସମେତ ସଂଘ ସଦସ୍ୟମାନେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ଆଞ୍ଚଳିକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

ମାର୍ଶାଘାଇ,୯।୬ (ଡି.ଏନ୍.ଏ.)


ମାର୍ଶାଘାଇ କଲେଜ ପରିସରରେ ଅନୁଷ୍ଠିତ ଶିବିର।

ଶ୍ରୀସତ୍ୟସାଇ ସେବା ସଂଗଠନ ଓଡିଶା ତରଫରୁ ଦୁଇଦିନିଆ ଆଞ୍ଚଳିକ ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର ମାର୍ଶାଘାଇ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ସଂଗଠନର କର୍ମକର୍ତ୍ତା ଓ ସାଇଭକ୍ତମାନେ ଯୋଗ ଦେଇଥିଲେ । ଶନିବାର ପୂର୍ବାହ୍ନ ୮ଟାରେ ରାଜ୍ୟ ଟ୍ରଷ୍ଟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଜ୍ୟୋତି ଆବାହନ,ବୈଦିକ ପ୍ରାର୍ଥନା ଓ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ସ୍ୱାଗତ ଭାଷଣ ଦେଇଥିଲେ କେନ୍ଦ୍ରାପଡା ଜିଲା ସଭାପତି ଚନ୍ଦ୍ରମଣି ସାହୁ । କାର୍ଯ୍ୟକ୍ରମରେ ଯୋଗଦେଇ ବିଷ୍ଣୁ ଚରଣ ସାମଲ ଶୃଙ୍ଖଳିତ ନୀତି ଆଦର୍ଶ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ଆଜିର ଯୁବପୀଢିଙ୍କ ପାଇଁ ସଂସ୍କୃତି ଓ ଆଧାତ୍ମିକ ଚେତନାର ଆବଶ୍ୟକତା ଉପରେ ସାମଲ ଆଲୋକପାତ କରିଥିଲେ । ସଂଗଠନର କେନ୍ଦ୍ରାପଡା ଜିଲା ପୂର୍ବତନ ସଭାପତି ରାମଚନ୍ଦ୍ର ସ୍ୱାଇଁ ଈଶ୍ୱରଙ୍କ ଅବସ୍ଥିତି ସଂପର୍କରେ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଅଞ୍ଚଳର ବହୁ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ରାଜ୍ୟ ସତ୍ୟସାଇ ସ୍କୁଲ ସମୂହର ସଂଯୋଜକ ଅମୀୟ ରଞ୍ଜନ କାନୁନ୍‌ଗୋ ଛାତ୍ରୀଛାତ୍ରମାନଙ୍କୁ ସତ୍ୟସାଇଙ୍କ ମହତବାଣୀ ଉପରେ କହିଥିଲେ । ଏହି ଅବସରରେ ପ୍ରାର୍ଥନାର ଶକ୍ତି ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ସଂଯୋଜକ ଚିନ୍ମୟ ପତି, ପୁଷ୍ପମିତ୍ରା ମହାନ୍ତି, କୈଳାଶ ଚନ୍ଦ୍ର ବେହେରା ,ଶରତ ଚନ୍ଦ୍ର ପାତ୍ର, ଜଗତ୍‌ସିଂହପୁର ଜିଲା ସଭାପତି ବିପିନ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ ସତ୍ୟସାଇ ସେବା ସମିତି ସଭାପତି ମୌର୍ଯ୍ୟଶ୍ରୀ ସ୍ୱାଇଁ ,ଝରଣା ସ୍ୱାଇଁ,ତପନ ମାହାଳି ,କୃତ୍ତିବାସ ମଳିକ,କାବେରୀ ଆଚାର୍ଯ୍ୟ ,ନମିତା ନାୟକଓ ସବିତା ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଭିଡିଓ ମାଧ୍ୟମରେ ଶ୍ରୀସତ୍ୟସାଇଙ୍କର ଅବତାର ସଂପର୍କିତ ବିଭିନ୍ନ ତଥ୍ୟ ପ୍ରଦର୍ଶନ କରାଯାଇଥିଲା ।

■ ପାୱାର ଟ୍ରାନ୍ସଫର୍ମର ପୋଡ଼ି

## ୨୭ ହଜାର ଉପଭୋକ୍ତା ଅନ୍ଧାରରେ

ଡେରାବିଶ,୯।୬(ସ୍ୱ.ପ୍ର.)


ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମର।

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଳାସ୍ଥିତ ବିଦ୍ୟୁତ୍ ସବ୍‌ଷ୍ଟେସନ୍‌ର ପାୱାର ଟ୍ରାନ୍ସଫର୍ମର ଶୁକ୍ରବାର ରାତିରୁ ପୋଡିଯାଇଛି। ଫଳରେ ଏହା ଅଧୀନରେ ଥିବା ୨୭ ହଜାର ବିଦ୍ୟୁତ୍ ଉପଭୋକ୍ତା ଅନ୍ଧାରରେ ରହିଛନ୍ତି। ପ୍ରକାଶ ଯେ, ଏହି ବିଦ୍ୟୁତ୍ ସବ୍‌ଷ୍ଟେସନ ଅଧୀନରେ କେନ୍ଦ୍ରାପଡା ଜିଲାର କେନ୍ଦ୍ରାପଡା, ଡେରାବିଶ, ଗରଦପୁର ବ୍ଲକର ଅଧିକାଂଶ ପଞ୍ଚାୟତ ,କଟକ ଜିଲା ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର କେତେକ ପଞ୍ଚାୟତର ସମୁଦାୟ ୨୭ ହଜାର ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି । ଏଠାରେ ଦୁହୁରିଆରୁ ଆସୁଥିବା ୩୩ କେଭିଏ ବିଦ୍ୟୁତ୍‌କୁ ଦୁଇଟି ୫ ଏମ୍‌ଭି ପାୱାର ଟ୍ରାନ୍ସଫର୍ମର ଦ୍ୱାରା ୧୧ କେଭି ବିଦ୍ୟୁତ୍‌କୁ ପରିବର୍ତ୍ତନ କରାଯାଇ ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯାଇଥାଏ । ଏହି ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ଶୁକ୍ରବାର ସକାଳେ ଗୋଟିଏ ପୋଡି ଯାଇଥିଲା । ତେବେ ବିଭାଗର କର୍ମଚାରୀମାନେ ଏହାକୁ ମରାମତି କରି ସନ୍ଧ୍ୟାରେ ବିଦ୍ୟୁତ୍ ସରବରାହ ନିୟମିତ କରିବାକୁ ସକ୍ଷମ ହୋଇଥିଲେ ହେଁ ମଧ୍ୟ ରାତି ବେଳକୁ ଏହା ପୁନର୍ବାର ଖରାପ ହୋଇଯାଇଥିଲା । ଶନିବାର ପୂର୍ବାହ୍ନରେ ବିଭାଗୀୟ ଯନ୍ତ୍ରୀ ଇଂ ବସନ୍ତ କୁମାର ପତିଙ୍କ ଉଦ୍ୟମ କ୍ରମେ ଟ୍ରାନ୍ସଫର୍ମର ମେକାନିକମାନେ ଏହା ସଜାଡି ସାରି ଚାର୍ଜ କଲା ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ସୂଚନାଯୋଗ୍ୟ ଯେ, ଏହି ଟ୍ରାନ୍ସଫର୍ମର ପାରାଦୀପରେ ଦୁଇବର୍ଷ ବ୍ୟବହାର ହେବା ପରେ ଏଠାରେ ଦୀର୍ଘ ୧୦ ବର୍ଷ ହେବ କାର୍ଯ୍ୟକ୍ଷମ ଥିଲା। ଏବେ ଏହି ଟ୍ରାନ୍ସଫର୍ମର ଅଧୀନରେ ଥିବା ଚାନ୍ଦୋଳ, ଅସୁରେଶ୍ୱର ଫିଡ଼ରର ଉପଭୋକ୍ତାମାନେ ଅନ୍ଧାରରେ ରହିଥିବା ବେଳେ ଲୁଣା ଫିଡର ପାଇଁ ଥିବା ପାୱାର ଟ୍ରାନ୍ସଫର୍ମରରୁ ଏହି ଅଞ୍ଚଳକୁ ପ୍ରତି ଏକ ଘଣ୍ଟା ଅନ୍ତରରେ ଘଣ୍ଟାଏ ଲେଖାଁଏ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ଆସିଷ୍ଟାଣ୍ଟ ମ୍ୟାନେଜର ବସନ୍ତ ପତି ଓ ଏସ୍‌ଡିଓ ଶୁଭେନ୍ଦୁ ପ୍ରଧାନ ପ୍ରକାଶ କରିଛନ୍ତି । ଏଠାରେ ନୂତନ ପାୱାର ଟ୍ରାନ୍ସଫର୍ମର ଲାଗିବା ପାଇଁ ୩ ରୁ ୪ ଦିନ ଲାଗିବ ବୋଲି ସେମାନେ କହିଛନ୍ତି । ୧୦ବର୍ଷ ପୂର୍ବେ ଲାଗିଥିବା ଏହି ପାୱାର ଟ୍ରାନ୍ସଫର୍ମର ଉପରେ ଅଧିକା ଲୋଡ ପଡୁଛି। ଫଳରେ ଆବଶ୍ୟକ ମୁତାବକ ଚାହିଦା ମେଣ୍ଟାଇ ପାରୁନାହିଁ । ଏହାମଧ୍ୟରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ବଢିଥିବା ବେଳେ ଘରେ ଘରେ ଫ୍ରିଜ୍ ଓ ଏସିର ବହୁଳ ବ୍ୟବହାର କରାଯାଉଛି । ବର୍ତ୍ତମାନ ୫ କେଭିଏ ପାୱାର ଟ୍ରାନ୍ସଫର୍ମର ବଦଳରେ ୮ କେଭିଏ କିମ୍ବା ତା ଠାରୁ ଅଧିକ କ୍ଷମତା ସମ୍ପନ୍ନ ପାୱାର ଟ୍ରାନ୍ସଫର୍ମର ବସାଇବା ପାଇଁ ଦାବି ହୋଇଛି।

## ସଂକ୍ଷେପରେ

### ଶର୍ଟ ସର୍କିଟରୁ ଜଳିଗଲା କାର

**ବାଲିକୁଦା,୯।୬ (ସ୍ୱ.ପ୍ର):** ବାଲିକୁଦା ଥାନା ଅଳାଭର ପଞ୍ଚାୟତ କଣିଆଁ ଗ୍ରାମରେ ଗୁରୁବାର ରାତିରେ ବିଦ୍ୟୁତ ଶର୍ଟ ସର୍କିଟରୁ ଏକ କାର ଜଳିଯାଇଛି। ଖବରପାଇ ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ଆମ୍ବଶାଳ ପଞ୍ଚାୟତ ଏରକଣା ଗାଁରୁ କଣିଆଁ ଗାଁକୁ ଏକ ବରଯାତ୍ରୀ ଦଳ ଆସିଥିଲେ। ସେହି ବରଯାତ୍ରୀଙ୍କ ସହ ଏରକଣାର ଯୁଧିଷ୍ଠିର ଲେଙ୍କା ତାଙ୍କ ମାରୁତି ସିଆଜ୍ କାର (ନଂ.ଓଡି ୦୨ ଏଏସ ୯୬୨୭) ଧରି ଆସିଥିଲେ। କାରକୁ ଗାଁର ଏକ ପାର୍ଶ୍ୱରେ ରଖି ବରଯାତ୍ରୀଙ୍କ ସହ ସମସ୍ତେ ଯାଇଥିଲେ। କାର ଭିତରେ ସେହି ଗାଁର ବିଶ୍ୱଜିତ୍ ସ୍ୱାଇଁ ଓ ସନ୍ତୋଷ ମହାନ୍ତି ବସିଥିଲେ। ଗାଡିର ଏସି ଚାଲୁ ରହିଥିଲା। ହଠାତ୍ ଗାଡି ଇଞ୍ଜିନରୁ ଧୂଆଁ ବାହାରିଥିଲା। ଏହା ଦେଖି ସେମାନେ କାରରୁ ବାହାରି ଆସିଥିଲେ। ଚାହୁଁ ଚାହୁଁ କାରଟି ଜଳିଯାଇଥିଲା।

### ଗୋପିଆକୁଦରେ ଗୁରୁଗୀତା ପାରାୟଣ

**କୁଜଙ୍ଗ,୯।୬(ସ୍ୱ.ପ୍ର.):** ଦଲିତ୍ ଲେଖକ ମହାସଂଘର ପ୍ରମୁଖ ନେତା ଦିବଂଗତ ରବିନାରାୟଣ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଜଗଦ୍‌ଗୁରୁ ଠାକୁର ନିଗାମାନନ୍ଦ ସରସ୍ୱତୀଙ୍କ ସତ୍‌ସଂଗ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରବିବାର ସକାଳେ ନୀଳାଚଳ ସାରସ୍ୱତ ସଂଘ ପୁରୀ ପକ୍ଷରୁ କେନ୍ଦ୍ର ସମ୍ପାଦକ ବ୍ରହ୍ମାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ସତ୍‌ସଙ୍ଗ ହୋଇଥିଲା। ଏଥିରେ ପୂର୍ବତନ ସମ୍ପାଦକ ଶିଶିର କୁମାର ଦାସ, ସଂଘର କୁଜଙ୍ଗ ଶାଖା ସମ୍ପାଦକ ଜିତେନ୍ଦ୍ର ସାହୁ, ସଭାପତି ହରେକୃଷ୍ଣ ସାହୁ, କବି କ୍ଷେତ୍ରବାସୀ ଜେନା, ଅମରନାଥ ପରିଡା, ସୁଷମା ମା, ଶୁଭେନ୍ଦୁ ନାୟକଙ୍କ ସହ ମାର୍ଶାଘାଇ, ପାଟପୁରା, ବିରିତୋଲ, କୁଜଙ୍ଗ, ରାହାମା, ଭୁତମୁଣ୍ଡାଇ ଅଞ୍ଚଳର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ରଶ୍ମୀରଞ୍ଜନ ମିଶ୍ର, ଲଳିତ ନାରାୟଣ ମିଶ୍ର, ରମାକାନ୍ତ ମିଶ୍ର, ନଳିନୀପ୍ରଭା ମିଶ୍ର ଓ ଆର୍. ନିଗମ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

### ୧୯୮୪ ବ୍ୟାଚର ବନ୍ଧୁ ମିଳନ

**ନାଉଗାଁ,୯।୬(ସ୍ୱ.ପ୍ର.):** ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟର ୧୯୮୪ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଥମେ ଦିବଂଗତ ଛାତ୍ର ଓ ଶିକ୍ଷକଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମସ୍ତେ ପୁରୁଣା ଦିନର ସ୍ମୃତି ରୋମନ୍ଥନ କରିଥିଲେ। ପ୍ରତିବର୍ଷ ଡିସେମ୍ବର ୨୫ରେ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଥିଲା। ପ୍ରଶାନ୍ତ ପରିଜା, ସହଦେବ ସେଠୀ, ଧନଞ୍ଜୟ ପରିଜା, ସୁରେଶ ଚନ୍ଦ୍ର ଦାସ, ଚିନ୍ମୟୀ ସ୍ୱାଇଁ, ଗୁଡୁଲି ଦାସ, ବୀଣାପାଣି ଲେଙ୍କା, ସବିତା ଖମାରୁ, ଶାନ୍ତା ବେହୁରା, ତପନ ବେହୁରା, ରମେଶ ଦାସ, ଉଲ୍ଲାସ ସ୍ୱାଇଁ, ସମୀର ମହାନ୍ତି, ମିହିର ମହାନ୍ତି, ସନ୍ତୋଷ ଦାସ, ବନଲତା ମହାନ୍ତି, ଚୌଧୁରୀ ବିଭୁ ପ୍ରସାଦ ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### ଏମ୍‌ପି, ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଆଠଗଡ଼,୯।୬(ସ୍ୱ.ପ୍ର.):** ଆଠଗଡ଼ ସ୍ୱାଭିମାନ ଏକତା ମଞ୍ଚ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଆଠଗଡ଼ ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ମହୋତ୍ସବ ପଡିଆଠାରେ ମଞ୍ଚ ସଭାପତି ହେମନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମହତାବ ଯୋଗଦେଇ ଜନସାଧାରଣଙ୍କ ଆଶା ଓ ବିଶ୍ୱାସକୁ ସଫଳ ରୂପାୟନ କରିବା ପାଇଁ ବଦ୍ଧପରିକର ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ମନ୍ତ୍ରୀ ସ୍ୱାଇଁ ଜନସାଧାରଣଙ୍କ ବିଶ୍ୱାସ ବିଜେଡି ସରକାର ଉପରେ ରହିଥିବା ଏହି ନିର୍ବାଚନରେ ପ୍ରତିଫଳିତ ହୋଇସାରିଛି ବୋଲି କହିଥିଲେ। ସଭାରେ ଆୟୋଜକଙ୍କ ସମେତ ଆଠଗଡ଼ ଓକିଲ ସଂଘ, ଗଣମାଧ୍ୟମ ପ୍ରତିନିଧି ସମୂହ, ସରକାରୀ ଅନୁଷ୍ଠାନ, ବିଭିନ୍ନ ପଞ୍ଚାୟତ, ସ୍ୱେଚ୍ଛାସେବୀ ସଙ୍ଗଠନ, ବିଜୁ ଯୁବବାହିନୀ, ସମସ୍ତ ବଜାର କମିଟି ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ଉଭୟ ମନ୍ତ୍ରୀ ଏବଂ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବନ୍ଦ ହେଲା ୧୧ ସରକାରୀ ସ୍କୁଲ

**ପାରାଦୀପ,୯।୬(ସ୍ୱ.ପ୍ର.)**

ପରିଚାଳନାଗତ ତ୍ରୁଟି, ଦଣ୍ଡ ବ୍ୟବସ୍ଥା ଉଚ୍ଛେଦ, ଗୁଣାତ୍ମକ ପାଠ୍ୟକ୍ରମର ଅଭାବ ଓ ଶିକ୍ଷା କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପ ଆଦି କାରଣରୁ ସରକାରୀ ବିଦ୍ୟାଳୟଗୁଡିକ ରୁଗ୍‌ଣ ଅବସ୍ଥାକୁ ଚାଲିଯାଉଥିବା କୁହାଯାଉଛି। ଏଥିଯୋଗୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହ୍ରାସ ପାଇବାରେ ଲାଗିଛି। ଫଳରେ ପ୍ରତିବର୍ଷ ସାରା ରାଜ୍ୟରେ ବହୁ ସରକାରୀ ସ୍କୁଲ ସବୁଦିନ ପାଇଁ ବନ୍ଦ ହେଉଥିବା ଦେଖିବାକୁ ମିଳୁଛି। ଶିକ୍ଷାର ଏଭଳି ଦୁରାବସ୍ଥା ଯୋଗୁ ଚଳିତବର୍ଷ କୁଜଙ୍ଗ ଶିକ୍ଷାଜିଲ୍ଲାରେ ୧୧ଟି ସରକାରୀ ବିଦ୍ୟାଳୟ ବନ୍ଦ ହୋଇଛି। ସେହି ସବୁ ସ୍କୁଲରେ ଥିବା ୧୦ରୁ କମ୍ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ସ୍କୁଲରେ ପଢିବା ପାଇଁ ବ୍ୟବସ୍ଥା ହୋଇଛି। ସେହି ୧୧ ସ୍କୁଲ ହେଲା ଚାନ୍ଦପୁର, ହରିପୁର, ଧୂସଳ, କୋଷ୍ଟିମୁଣ୍ଡା, କୋରିଲୋ, ରାଣୀପଡ଼ା, ତେନ୍ତୁଳିଆ, ମଠସାହି, ବିବଚ୍ଛପୁର ଓ ବୀଣାପାଣି ପ୍ରାଥମିକ ବିଦ୍ୟାଳୟ। ଏଥିରେ ପାରାଦୀପ ପୌରାଞ୍ଚଳରେ ଥିବା ୧୨ ସରକାରୀ ସ୍କୁଲ ମଧ୍ୟରୁ କେବଳ ଶୁଖୁଆଖଳାରେ ଥିବା ବୀଣାପାଣୀ ବିଦ୍ୟାଳୟ ରହିଛି। ଉକ୍ତ ସ୍କୁଲର ୯ ଛାତ୍ରୀଛାତ୍ର ନିକଟସ୍ଥ ଘୋଲାପଡ଼ା ପ୍ରାଥମିକ ବିଦ୍ୟାଳୟରେ ପଢିବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ପାଖକୁ ଚିଠି (ନଂ.୯୪୦) ଆସିଛି। ଉକ୍ତ ଚିଠି ପାଇବା ପରେ ଗତ ଗୁରୁବାର ବିଧିବଦ୍ଧ ଭାବେ ସ୍କୁଲ ବନ୍ଦ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଦାୟିତ୍ୱ ବଣ୍ଟନ କରାଯାଇଛି ବୋଲି ସିଆରସିସି ପ୍ରମୋଦ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ୨୦୦୮ରେ ଶୁଖୁଆଖଳା ସମେତ ପାରାଦୀପର ୧୨ଟି ସ୍ଥାନରେ ସର୍ବଶିକ୍ଷା ଯୋଜନା ଅଧୀନରେ ୧୨ଟି ବିଦ୍ୟାଳୟ ଖୋଲିଥିଲା। ସେତେବେଳେ ୧୨ ସ୍କୁଲରେ ୪୭୦୦ ଛାତ୍ରୀଛାତ୍ର ପଢୁଥିଲେ। କିନ୍ତୁ ବିଭିନ୍ନ କାରଣରୁ ଏବେ ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ପାଇ ୯୪୦ରେ ପହଞ୍ଚିଛି। ଶୁଖୁଆଖଳାରେ ଖୋଲାଯାଇଥିବା ସ୍କୁଲର ନାମ ବିୟରଫ୍ୟାକ୍ଟ୍ରି ବିଦ୍ୟାଳୟ ରଖାଯାଇଥିଲା।

**କୁଜଙ୍ଗ ଶିକ୍ଷାଜିଲ୍ଲା**
- ନାହାନ୍ତି ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର
- ଘୋଲାପଡ଼ା ସ୍କୁଲରେ ମିଶିଲା ବୀଣାପାଣି ସ୍କୁଲ
- ବର୍ତ୍ତିଗଲା ମୁକ୍ତେଶ୍ୱର ପ୍ରାଥମିକ ବିଦ୍ୟାଳୟ

ଏହି ନାମକୁ ବିରୋଧ ହେବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ୨୦୧୫ ପରିବର୍ତ୍ତନ କରାଯାଇ ବୀଣାପାଣି ରଖାଯାଇଥିଲା। ଏହି ସ୍କୁଲ ବନ୍ଦ ହେବାବେଳକୁ ସରକାରୀ ଭାବେ ୯ଜଣ ପିଲା ଥିବା ଦର୍ଶାଯାଇଛି। ବାସ୍ତବରେ ଉକ୍ତ ସ୍କୁଲରେ ୪ରୁ ୫ ଜଣ ପିଲା ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ପଢୁଥିଲେ। ସେମାନଙ୍କୁ ପଢାଇବା ପାଇଁ ୨ ଜଣ ଲେବଲ ୪ ଶିକ୍ଷୟିତ୍ରୀ ଥିଲେ। ଏ ସମ୍ପର୍କରେ ଏକାଧିକଥର ଖବର ପ୍ରକାଶ ପାଇବା ପରେ ଏବେ ଉକ୍ତ ବିଦ୍ୟାଳୟ ବନ୍ଦ ହୋଇଛି। ସେହିପରି ଆଉ ଏକ ସ୍କୁଲ ହେଉଛି ନୂଆବଜାରରେ ଥିବା ମୁକ୍ତେଶ୍ୱର ପ୍ରାଥମିକ ବିଦ୍ୟାଳୟ। ତାହା ମଧ୍ୟ ବନ୍ଦ ହୋଇ ସଞ୍ଜୟ ଗାନ୍ଧୀ ସ୍କୁଲରେ ମିଶ୍ରଣ ହେବା କଥା। କିନ୍ତୁ ସେଥିରେ ୨୫ଜଣ ପିଲା ପଢୁଥିବା ଦର୍ଶାଯାଇ ମିଶ୍ରଣରୁ ବାଦ୍ ଦିଆଯାଇଛି। ବାସ୍ତବରେ ଉକ୍ତ ସ୍କୁଲରେ ୧୦ରୁ କମ୍ ପିଲା ପଢୁଛନ୍ତି। ସଞ୍ଜୟ ଗାନ୍ଧୀ ସ୍କୁଲଠାରୁ ମୁକ୍ତେଶ୍ୱର ସ୍କୁଲର ଦୂରତା ମାତ୍ର ୫୦୦ ମିଟର। ଶିକ୍ଷୟିତ୍ରୀ ଶିକ୍ଷକ ଥଇଥାନ ନୀତିରେ ଉକ୍ତ ସ୍କୁଲକୁ ବାଦ୍ ଦିଆଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାଶଙ୍କୁ ପଚାରିବାରେ ସେ କହିଲେ ଯେ ମୁକ୍ତେଶ୍ୱର ବିଦ୍ୟାଳୟ ମିଶ୍ରଣ ତାଲିକା ବିଳମ୍ବରେ ପହଞ୍ଚିବା ଓ ସେଥିରେ କେତେଜଣ ଲୋକ ଅଭିଯୋଗ ଉଠାଇବା ଯୋଗୁ ତାହା ଚଳିତଥର ମିଶ୍ରଣ ହୋଇପାରିନାହିଁ। ଏହା ପରବର୍ତ୍ତୀ ପର୍ଯ୍ୟାୟରେ ମିଶ୍ରଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।


ଶନି ମନ୍ଦିରକୁ ଯିବା ପାଇଁ ଥିବା କାଠ ପୋଲ।

## ଭାଙ୍ଗିଗଲାଣି ଶନିମନ୍ଦିର କାଠ ପୋଲ

**କୁଜଙ୍ଗ,୯।୬(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ଜଗନ୍ନାଥପୁରର ମହାନଦୀ ତଟରେ ରହିଛି ଶନିଦେବଙ୍କ ପୀଠ। ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ନିକଟରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞରେ ଲକ୍ଷାଧିକ ଭକ୍ତ ଜଳାଭିଷେକ କରିଥିଲେ। ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ସୁରେଶ ଚନ୍ଦ୍ର ଦାସଙ୍କ ସହ ଗ୍ରାମର କେତେଜଣ ଉଦ୍ୟମୀ ଯୁବକଙ୍କ ସହଯୋଗରେ ଏହି ମନ୍ଦିର ନିର୍ମାଣ ହୋଇଥିଲା। ମନ୍ଦିରକୁ ଯିବା ପାଇଁ ତାଳଦଣ୍ଡା କେନାଲ ଉପରେ ଏକ କାଠ ପୋଲ ରହିଛି। ତେବେ କିଛିଦିନ ହେଲା ଉକ୍ତ ପୋଲଟି ଭାଙ୍ଗିଯାଇଥିବାବେଳେ ପୋଲ ଦେଇ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ଫଳରେ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତି ଶନିବାର ଏଠାରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ନିକଟରେ ରାମ ମଲ୍ଲିକ ନାମକ ଜଣେ ବ୍ୟକ୍ତି ଉକ୍ତ ପୋଲରେ ଯାଉଥିବାବେଳେ ପାଣି ସୁଅରେ ପଡିଯାଇଥିଲେ।

ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏହି କାଠପୋଲ ମରାମତି କରିବା ସହ ଏଠାରେ ଏକ ସ୍ଥାୟୀ କଂକ୍ରିଟ ପୋଲ ନିର୍ମାଣ କରିବାକୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୁରେଶ ଚନ୍ଦ୍ର ଦାସ(ଯମୁନା), ସାମାଜିକ କର୍ମୀ ଏ.ଏନ୍.ଡି. ଯାଦବ, ରବିନାରାୟଣ ରାଜଗୁରୁ, ଅଜୟ ଦାସ, ପ୍ରତାପ ଚନ୍ଦ୍ର ପଲାଇ ପ୍ରମୁଖ ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।


ରଜ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ରଜ ମହୋତ୍ସବ ଉଦ୍‌ଯାପିତ

**ଏରସମା,୯।୬(ସ୍ୱ.ପ୍ର.)**

ଏରସମା ବ୍ଲକ ସଦରମହକୁମାରେ ଗତ ୧ ତାରିଖରୁ ଚାଲିଥିବା ରଜ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏରସମା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନ ସଭାରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଜ ପର୍ବକୁ ନେଇ ଓଡିଶାରଐତିହ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଲେ ରଜ ଉତ୍କଳୀୟ ପରମ୍ପରାର ଜ୍ୱଳନ୍ତ ନିଦର୍ଶନ। ଏଥିରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସାମାଜିକ ଏକତା ପ୍ରତିଷ୍ଠା କରେ। ବାରିପଦାର ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷି କାର୍ଯ୍ୟ ଆରମ୍ଭ ଅବ୍ୟବହିତ ପୂର୍ବରୁ ରଜ ପର୍ବ ପାଳନର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି ବୋଲି କହିଥିଲେ। ଏଥିରେ ମହୋତ୍ସବ କମିଟିର ସଭାପତି ସମୀର ରଞ୍ଜନ ମଲ୍ଲିକ, ସମ୍ପାଦକ ନିରାକାର ସ୍ୱାଇଁ, ନୃସିଂହଚରଣ ସାହୁ, ଉମାକାନ୍ତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲକି ଡ୍ର ଉଠାଣ, କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା, କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଜୟ ମା’ ମଙ୍ଗଳା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପଞ୍ଚାୟତ ପୋଖରୀରୁ ଲକ୍ଷାଧିକ ଟଙ୍କାର ମାଛ ଚୋରି

**ବାଲିଆ,୯।୬**

ବିରିଡ଼ି ବ୍ଲକ ଅଲାଣ୍ଡୋ ପଞ୍ଚାୟତ ପୋଖରୀ (ଅନନ୍ତ ସାଗର)ରୁ ରାତି ଅଧରେ ମାଛ ଚୋରି କରାଯାଇଥିବା ମାଣତିର ଗ୍ରାମର ପ୍ରମୋଦ କୁମାର ଜେନା ଗତ ୪ ତାରିଖରେ ବିଡିଓ ଗିରିଜା ପ୍ରସାଦ ବାରିକ ଓ ଥାନା ଅଧିକାରୀ ପାରୋ ଟୁଡୁଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ୬ ତାରିଖରେ ପିଡି, ଜିଲାପାଳ ଓ ଏସପିଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ୬ ଦିନ ପରେ ମଧ୍ୟ ଏହାର ତଦନ୍ତ କରାଯାଇନାହିଁ। କେତେଜଣ ଅସାଧୁ ବ୍ୟକ୍ତି ଏହି ସରକାରୀ ପୋଖରୀରୁ ରାତି ଅଧରେ ଲକ୍ଷାଧିକ ଟଙ୍କାର ମାଛ ନେଇଯାଇ ପଞ୍ଚାୟତ ଅର୍ଥ ହରିଲୁଟ୍ କରିଥିବା ଜେନା ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଅଲାଣ୍ଡୋ ଗ୍ରାମରେ ୨ଟି ବିରାଟ ପୋଖରୀ ରହିଛି। ସେଥିରୁ ପୂର୍ବତନ ସରପଞ୍ଚ ନବକିଶୋର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୧୨ ମାଣ ୧୨ ଗୁଣ୍ଠ ବିଶିଷ୍ଟ ଅନନ୍ତ ସାଗର ପୋଖରୀ ପୁନରୁଦ୍ଧାର କରାଯାଇଥିଲା। ଏହି ପୋଖରୀ ପୁନରୁଦ୍ଧାର ପାଇଁ ସରକାରଙ୍କ ବିଭିନ୍ନ ପାଣ୍ଠିରୁ ପ୍ରାୟ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ଚଳିତବର୍ଷ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉକ୍ତ ପୋଖରୀ ଆସନ୍ତା ୧୯ ତାରିଖରେ ନିଲାମ ଦିଆଯିବ ବୋଲି ଡେଙ୍ଗୁରା ଦେଇଥିଲେ। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଛନ୍ତି ଯେ ପୋଖରୀରେ କିଏ ମାଛ ଛାଡିଥିଲା, କିଏ ଧରିଲା ସେ ବିଷୟରେ ମୁଁ ଜାଣିନାହିଁ। ଏହାର ଉପଯୁକ୍ତ ତଦନ୍ତ କରିବାକୁ ଜେନା ଦାବି କରିଛନ୍ତି।


ଚିନ୍ତାମଣିଶ୍ୱର ପୀଠରେ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା।

## ଚିନ୍ତାମଣିଶ୍ୱର ପୀଠରେ ଯଜ୍ଞ

**ରଘୁନାଥପୁର, ୯।୬ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁର ସ୍ଥିତ ମା’ ମଲ୍ଲିକେଶ୍ୱରୀଙ୍କ ଅଷ୍ଟପ୍ରହର ନାମଯଜ୍ଞ ଶେଷ ପରେ ଚିନ୍ତାମଣିଶ୍ୱର ପୀଠରେ ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି। ଗ୍ରାମବାସୀଙ୍କ ସହଯୋଗରେ ଶନିବାର ମା’ ମଲ୍ଲିକେଶ୍ୱରୀଙ୍କ ବାର୍ଷିକୋତ୍ସବ ଉପଲକ୍ଷେ ଅଷ୍ଟପ୍ରହର ନାମ ଶେଷ ହେବା ପରେ ରବିବାର ଚିନ୍ତାମଣିଶ୍ୱର ମହାଦେବଙ୍କ ୩ୟ ବାର୍ଷିକ ଉତ୍ସବ ଉପଲକ୍ଷେ ଯଜ୍ଞ ଚାଲିଛି। ସକାଳେ ସ୍ଥାନୀୟ ତାରପୁରସ୍ଥିତ ମା’ ନାରାୟଣୀ ନିକଟସ୍ଥ ମହାନଦୀ ଘାଟରୁ ଗ୍ରାମର ମହିଳାପୁରୁଷ ୧୦୮ କଳସ ପାଣି ଉଠାଇ ଶୋଭାଯାତ୍ରାରେ ୩ କିମି ଦୂର ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ପ୍ରତ୍ୟକ ଦେବଦେବୀଙ୍କ ନିକଟରେ କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଧି ଅନୁଯାୟୀ ଗୋ ପୂଜା, ସୂର୍ଯ୍ୟ ପୂଜା ଓ ସର୍ବ ଦେବଦେବୀ ପୂଜା ପରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ଆହୁତି ପ୍ରଦାନ କରାଯାଇଥିଲା। ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କର୍ମକର୍ତ୍ତାଙ୍କଠାରୁ ପ୍ରକାଶ। ଏହି ଉପଲକ୍ଷେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲଉଡି ଖେଳର ଆୟୋଜନ କରାଯାଇଛି। ଆଧ୍ୟାତ୍ମିକ ଭାବାବେଗରେ ଗ୍ରାମବାସୀ ଯଜ୍ଞସ୍ଥଳରେ ଉପସ୍ଥିତ ରହି ସମସ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି।


ଉତ୍ସବରେ ଉପସ୍ଥିତ ପୂରାତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

## ପୁରାତନ ଛାତ୍ରଙ୍କ ଗୁରୁ ପୂଜନ ଉତ୍ସବ

**ତିର୍ତ୍ତୋଲ,୯।୬(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ଆଖଣ୍ଡଳ ନୋଡାଲ ବିଦ୍ୟାଳୟ ପରିସରରେ ରବିବାର ପୁରାତନ ଛାତ୍ର ସଂସଦ ତରଫରୁ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ଆବାହକ ଅବିନାଶ ଜେନା ସଭାପତିତ୍ୱ କରିଥିଲେ। ଶିକ୍ଷକ ଛବିନାରାୟଣ ଦାସ, ପ୍ରତାପ ଦାସ, ଶିକ୍ଷୟିତ୍ରୀ ରୁପାଲି ନାୟକଙ୍କୁ ଛାତ୍ର ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱପ୍ନଜିତ ଦାସ, ଅଜିତ କୁମାର ସେଠୀ, ରିପନ ରିତିକ ପାଲ, ରାକେଶ ରୋଶନ ସେଠୀ, କାହ୍ନୁ ଚରଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଆଗାମୀ ଦିନରେ ଛାତ୍ର ସଂସଦ ତରଫରୁ ବିଦ୍ୟାଳୟର ଉନ୍ନତି ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଘୋଷଣା କରାଯାଇଥିଲା।

## ଗ୍ୟାସ ସିଲିଣ୍ଡର ଲିକ, ଦୁଇ ଆହତ

**ବାଲିକୁଦା,୯।୬(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ଅରିଲୋ ଗାଁର ସର୍ବେଶ୍ୱର ବାରିକଙ୍କ ରୋଷେଇ ଘରେ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ୨ଜଣ ଆହତ ହୋଇଛନ୍ତି। ଏଥିସହ ନିଆଁ ଲାଗି ରୋଷେଇ ଘରର କିଛି ସାମଗ୍ରୀ ପୋଡ଼ିଯାଇଛି। ପ୍ରକାଶ ଯେ, ସିଲିଣ୍ଡରରୁ କୌଣସି କାରଣ ବସତଃ ଗ୍ୟାସ ଲିକ୍ ହୋଇଥିଲା। ଏହା ବନ୍ଦ କରିବା ପାଇଁ ସର୍ବେଶ୍ୱରଙ୍କ ପୁଅ ସରୋଜ(୩୨) ଚେଷ୍ଟା କରିଥିଲେ। ମାତ୍ର ସେ ନିଆଁ ସଂସ୍ପର୍ଶରେ ଆସି ସାମାନ୍ୟ ଆହତ ହୋଇଥିଲେ। ସେଠାରେ ଉପସ୍ଥିତ ସର୍ବେଶ୍ୱରଙ୍କ ସ୍ତ୍ରୀ ଅଞ୍ଜନା(୬୨) ମଧ୍ୟ ଆହତ ହୋଇଛନ୍ତି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଝଙ୍କଡ଼ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଥିଲେ କାଳିପ୍ରସନ୍ନ

**ତିର୍ତ୍ତୋଲ,୯।୬(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାଠାରେ ଝଙ୍କଡ଼ ସାହିତ୍ୟ ସଂସଦ ତରଫରୁ ଝଙ୍କଡ଼ଶ୍ରୀ କାଳିପ୍ରସନ୍ନ ପରିଜାଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ବହୁ ସାହିତ୍ୟିକ ଯୋଗଦେଇ କାଳୀପ୍ରସନ୍ନ ଝଙ୍କଡ଼ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଥିଲେ ବୋଲି ମତବ୍ୟକ୍ତ କରିବା ସହ ଓଡ଼ିଆ ସାହିତ୍ୟ ଏକାଡେମୀଙ୍କୁ ତାଙ୍କର ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଏଥିରେ ଝଙ୍କଡ଼ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଜଗତ୍‌ସିଂହପୁର ଏମପି ଡା.ରାଜଶ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଗୋଲକ ବିହାରୀ ପଲାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ, ବାଲୁଙ୍କେଶ୍ୱର ମିଶ୍ର, ସୁଧାକର ଦାସ, ନିତ୍ୟାନନ୍ଦ ଜେନା, ଉମାକାନ୍ତ ନାୟକ, ବିଷ୍ଣୁପ୍ରିୟା ଦାସ, ଉପେନ୍ଦ୍ର ପ୍ରସାଦ ଦଳାଇ, ପୂର୍ବତନ ଡିଆଇ ମନମୋହନ କାନୁନଗୋ, କିଶୋର ଚନ୍ଦ୍ର ମହନ୍ତ, ପତିତପାବନ ହୋତା, ବସନ୍ତ ମଞ୍ଜରୀ ଦାସ, ପରମାନନ୍ଦ ମିଶ୍ର, ରଞ୍ଜନ ପଣ୍ଡା, ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ପଣ୍ଡିତ ବାସବ କୁମାର ନନ୍ଦ ଓ ଶ୍ରୀକାନ୍ତ ପରିଜା ପରିଚାଳନା କରିଥିଲେ।

## ସୁଶ୍ରୀ ଶୁଭଶ୍ରୀର ରଜ ମହୋତ୍ସବ ୧୪ରେ

**ତିର୍ତ୍ତୋଲ,୯।୬(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ସାଗବାରିଆସ୍ଥିତ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ସୁଶ୍ରୀ ଶୁଭଶ୍ରୀ ତରଫରୁ ଆସନ୍ତା ୧୪ ତାରିଖରେ ରଜ ମହୋତ୍ସବ ହେବ। ଏଥିପାଇଁ ଆଇନଜୀବୀ ବୈଷ୍ଣବ ଚରଣ ଦାସଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ହୋଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶିଶୁ କଳାକାରମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଝୋଟି ଅଙ୍କନ ପ୍ରତିଯୋଗିତା କରିବା ସହ କୃତୀ କଳାକାରଙ୍କୁ ପୁରସ୍କୃତ କରିବାକୁ ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ କହିଥିଲେ। ସଂସଦର ସଙ୍ଗଠନ ସମ୍ପାଦକ ନୀଳମଣି ମଲ୍ଲିକ, ମୁଖ୍ୟ ସମ୍ପାଦକ ଗୋଲୋକ ବିହାରୀ ପଲାଇ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ସହସମ୍ପାଦକ କୈଳାସ ପ୍ରଧାନ, ହୃଷିକେଶ ଜେନା, ପ୍ରଦୀପ୍ତ ଦାସ, ଉପସଭାପତି ହେମନ୍ତ ନାୟକ, ସୁଶୀଲ ମହାନ୍ତି, ପଣ୍ଡିତ ନାଗୁଚରଣ ଦେବତା, କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ ଓ ଅନ୍ନଦା ମହାନ୍ତି ପ୍ରମୁଖ ମତାମତ ପ୍ରଦାନ କରିଥିଲେ। ସଭାପତି ପ୍ରେମଚରଣ ରାଉତ ଧନ୍ୟବାଦ ଦେଇଥିଲେ।



ରଜ ମହୋତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ନିରାମୟ କେନ୍ଦ୍ରରେ କର୍ମଚାରୀ, ଔଷଧ ଅଭାବ

**ପାରାଦୀପ,୯।୬(ସ୍ୱ.ପ୍ର.)**

ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ କେନ୍ଦ୍ର ଖୋଲାଯାଇ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ସରକାରୀ ଔଷଧ ପ୍ରତି ଲୋକେ ବିଶେଷ ଆଗ୍ରହ ଦେଖାଉ ନ ଥିବାବେଳେ ଏବେ ସେଥିପ୍ରତି ଅଧିକ ଆସ୍ଥା ପ୍ରକଟ କରୁଛନ୍ତି। ତେଣୁ ଦିନକୁ ଦିନ ନିରାମୟ କେନ୍ଦ୍ରରେ ଭିଡ଼ ଦେଖିବାକୁ ମିଳୁଛି।

**ବିଜୁ ମେମୋରିଆଲ ହସ୍ପିଟାଲ**

କିନ୍ତୁ ସରକାରଙ୍କ ନିୟମାନୁସାରେ ଔଷଧ ବଣ୍ଟନ, ଷ୍ଟକ ରଖିବା, ଅନ୍‌ଲାଇନରେ ପ୍ରେସ୍କ୍ରିପ୍‌ଶନ ସ୍କାନିଂ କରି ଔଷଧ ବିବରଣୀ ଲିପିବଦ୍ଧ କରିବା ପାଇଁ ଆବଶ୍ୟକ କର୍ମଚାରୀ ନ ଥିବାରୁ ଅସୁବିଧା ହେଉଛି। ସେହିପରି ସରକାରଙ୍କ ପ୍ରଦତ୍ତ ଅନେକ ଔଷଧ ନିରାମୟ କେନ୍ଦ୍ରରେ ଉପଲବ୍ଧ ହେଉ ନ ଥିବା ଅଭିଯୋଗ ହେଉଛି। ପାରାଦୀପର ଏକମାତ୍ର ସରକାରୀ ବିଜୁ ମେମୋରିଆଲ ହସ୍ପିଟାଲରେ ଏଭଳି ଅସୁବିଧା ଦେଖିବାକୁ ମିଳୁଛି। ଏଠାରେ ଥିବା ନିରାମୟ କେନ୍ଦ୍ରରୁ ପୂର୍ବରୁ ଦୈନିକ ୫୦ରୁ ୧୦୦ ଲୋକ ଔଷଧ ନେଉଥିଲେ। ମାତ୍ର ଗତ ୬ମାସ ହେଲା ଏହି ସଂଖ୍ୟା ୩୫୦ରୁ ୪୦୦ରେ ରହୁଛି। ଆଉଟ୍‌ଡୋର ରୋଗୀଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ନିରାମୟ କେନ୍ଦ୍ରରୁ ଔଷଧ ନେବାକୁ ଆସୁଛନ୍ତି। ସେଠାରେ ଯେଉଁ ଔଷଧ ନ ମିଳୁଛି, ବାଧହୋଇ ବାହାର ଦୋକାନରୁ କିଣୁଛୁ ବୋଲି କହିଛନ୍ତି ମହାକାଳପଡ଼ା ବତୀଘର ଅଞ୍ଚଳରୁ ଆସିଥିବା ରୀତା ମଣ୍ଡଳ। ରୋଗୀଙ୍କ ପ୍ରେସ୍କ୍ରିପ୍‌ଶନ ସ୍କାନିଂ କରି କମ୍ପ୍ୟୁଟରରେ ଲିପିବଦ୍ଧ ରଖିବା, ଔଷଧ ଦେବା ପରେ ତା’ର ବ୍ୟବହାର ସମ୍ପର୍କରେ ବୁଝାଇବା ଆଦି କାମ ସମୟ ସାପେକ୍ଷ ହୋଇଥିବାରୁ ରୋଗୀଙ୍କୁ ଦୀର୍ଘ ସମୟ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଏଥିଯୋଗୁ କେତେଜଣ ପାଟିତୁଣ୍ଡ ମଧ୍ୟ କରୁଛନ୍ତି। ଜଣେ କର୍ମଚାରୀରେ ଏସବୁ କାମ କରିବାରେ ଅସୁବିଧା ହେଉଛି ବୋଲି ଫାର୍ମାସିଷ୍ଟ ଧର୍ମାନନ୍ଦ ସାହୁ କହିଛନ୍ତି। ମେଡିକାଲ ଇନ୍‌ଚାର୍ଜ ଅଫିସର ଡା. ବସନ୍ତ ରାଉତ କହିଛନ୍ତି ଯେ ଯେତିକି କର୍ମଚାରୀ ଅଛନ୍ତି, ସେଥିରେ କାମ କରିବାକୁ ପଡୁଛି। ଔଷଧ ଅଭାବ ପ୍ରସଙ୍ଗରେ ସେ କହିଛନ୍ତି ଯେ, ସେମିତି ହୋଇ ନ ଥିବ। କାଁ ଭାଁ ଗୋଟିଏ ଦୁଇଟି ପ୍ରକାର ଔଷଧ ସ୍ୱଳ୍ପ ସମୟ ପାଇଁ ସରିଯାଇଥିବ।


ନିରାମୟ କେନ୍ଦ୍ରରେ ରୋଗୀଙ୍କୁ ଔଷଧ ଦିଆଯାଉଛି।

## ସଂକ୍ଷେପରେ

### ବସ ଧକ୍କାରେ ଯୁବକଙ୍କ ମୃତ୍ୟୁ

ତିର୍ତ୍ତୋଲ,୯।୬(ଡି.ଏନ.ଏ.): ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ତେରତାଙ୍ଗ ଗଡ଼ା ନିକଟରେ ରବିବାର ରାତି ପ୍ରାୟ ୮ଟାରେ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ବାଲିପାଟଣା ଗ୍ରାମର ପରିବା ବ୍ୟବସାୟୀ ସନାତନ ସାହୁ(୩୪)। ସନାତନ ନିଜ ଲୁନା ଯୋଗେ ଘରକୁ ଫେରୁଥିବାବେଳେ କଟକରୁ ପାରାଦୀପ ଅଭିମୁଖେ ଆସୁଥିବା ଶୁଭମ୍ ନାମକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ସନାତନ ବାଲିପାଟଣା ଛକରେ ପରିବା ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଦୁର୍ଘଟଣା ପରେ ବସ୍ ଚାଳକ ତିର୍ତ୍ତୋଲ ଥାନାରେ ବସ ସହ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଛାତ୍ରଙ୍କ ସଫଳତା

ବାଙ୍କୀ,୯।୬(ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ଗଦାଧର ସାମଲ ରାଜ୍ୟସ୍ତରୀୟ ଗିରିଜାଶଙ୍କର ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ୧୧୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ସାହିତ୍ୟ ସମାଜ ସଭାପତି ଡ. ବିଜୟାନନ୍ଦ ସିଂହ, ଏମ୍‌ପି ଭର୍ତ୍ତୃହରି ମହତାବ, ସାହିତ୍ୟିକା ମନୋରମା ମହାପାତ୍ର, ସଂଗ୍ରାମ ଜେନା, ପାବକ୍ କାନୁନ୍‌ଗୋ ଓ ଶୈଳଜା ରବି ପ୍ରମୁଖ ଉପସ୍ଥିତ ଥିଲେ।

■ ପାରାଦୀପରେ ବିଜେଡିର ବିଜୟ ଉତ୍ସବ

# ଆସିଲେନି ପ୍ରତାପ, ବିଷ୍ଣୁ, ରାଜଶ୍ରୀ

ପାରାଦୀପ, ୯।୬(ସ୍ୱ.ପ୍ର.)




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସହ ନବନିର୍ବାଚିତ ବିଧାୟକ ଓ ଅନ୍ୟମାନେ।

ପାରାଦୀପରେ ରବିବାର ବିଜେଡିର ବିଜୟ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଛି। ପାରାଦୀପ ନଗର ବିଜେଡି ପକ୍ଷରୁ ଆୟୋଜିତ ଏହି ବିଜୟ ଉତ୍ସବରେ ଜିଲାର ୪ ବିଧାୟକ, ଏମ୍‌ପି, ଜିଲାର ସହ ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେବେ ବୋଲି କୁହାଯାଇଥିଲା। କିନ୍ତୁ ମନ୍ତ୍ରୀ ଜେନା, ଏମ୍‌ପି ମଲ୍ଲିକ ଓ ବିଧାୟକ ବିଷ୍ଣୁ ଚରଣ ଦାସ ଆସିଲେ ନାହିଁ। ବାଲିକୁଦା-ଏରସମା ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ୧୦୦ରୁ ଊର୍ଦ୍ଧ୍ୱ ସଙ୍ଗଠନର ସଦସ୍ୟ ନବନିର୍ବାଚିତ ପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସଭା ପୂର୍ବରୁ ମନ୍ତ୍ରୀ ଓ ବିଧାୟକ ବଡ଼ପଡ଼ିଆ ଥାନା ଛକରୁ ସଭାସ୍ଥଳ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସମ୍ପାଦକ ତଥା ଶ୍ରମିକନେତା ସନ୍ତୋଷ କୁମାର ପଟ୍ଟନାୟକ, ପ୍ରମୋଦ କିଶୋର ଜେନା, ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ନଗର ବିଜେଡି ସଭାପତି ସୁମନ୍ତ କୁମାର ବିଶ୍ୱାଳ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନେତାମାନେ ଉପସ୍ଥିତ ଲୋକଙ୍କୁ ନିର୍ବାଚନରେ ବିଜୟ ପାଇଁ କୃତଜ୍ଞତା ଜଣାଇଥିଲେ। ଏଥିସହ ଜିଲାର ୪ ବିଧାୟକ ଓ ଏମ୍‌ପି ଏକ ମନା ହୋଇ ଜିଲାର ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି କହିଥିଲେ। ବିଶେଷକରି ପାନୀୟଜଳ, ପ୍ରଦୂଷଣ ଓ ନିଯୁକ୍ତି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସମ୍ବିତ କହିଲେ ଯେ, ଗତ ୫ ବର୍ଷରେ ଦଳୀୟ ନେତାଙ୍କ ମଧ୍ୟରେ ଏକତା ନ ଥିଲା। କିନ୍ତୁ ସେହି ସମସ୍ୟା ଆଉ ରହିବ ନାହିଁ। ଆଗାମୀ ୫ ବର୍ଷରେ ସମସ୍ୟାରେ ଅନେକ ସୁଧାର ଆସିବ।

# ଖାଇବାକୁ ମାଗିବାରୁ ଗରମ ପେଜ ଫୋପାଡ଼ିଲେ ସ୍ତ୍ରୀ

ଯାଜପୁର ଟାଉନ, ୯।୬(ଡିଏନଏ)

**ସ୍ୱାମୀ ଗୁରୁତର, ସ୍ତ୍ରୀ ଫେରାର**

ସ୍ୱାମୀଙ୍କ ଉପରକୁ ସ୍ତ୍ରୀ ଗରମ ପେଜ ଫୋପାଡ଼ିବାରୁ ସ୍ୱାମୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ଯାଜପୁର ଥାନା ଖଣ୍ଡରା ପଞ୍ଚାୟତ ଇନ୍ଦାସ ଗ୍ରାମରେ। ଖାଇବାକୁ ମାଗିବା ନେଇ ବଚସା ହେବା ପରେ ସ୍ତ୍ରୀ ଉତ୍‌କ୍ଷିପ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଏ ନେଇ ଯାଜପୁର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଇନ୍ଦାସ ଗ୍ରାମର ପ୍ରଶାନ୍ତ ରାଉତ (୩୫) ୭ ବର୍ଷ ପୂର୍ବେ ବିଞ୍ଝାରପୁର ଥାନା ପଇରଖ ଗ୍ରାମର ମୀନାକ୍ଷୀ ରାଉତଙ୍କୁ ବିବାହ କରିଥିଲେ। ପ୍ରଶାନ୍ତ କଲିକତାରେ ଗାଡ଼ି ଚାଳକଭାବେ କାମ କରୁଥିବା ବେଳେ ୬ଦିନ ତଳେ ଘରକୁ ଆସିଥିଲେ। ପଡ଼ୋଶୀଙ୍କ ଚାଷ ଜମିରେ କାମ କରି ଫେରିବା ପରେ ସେ ମୀନାକ୍ଷୀଙ୍କୁ ଖାଇବାକୁ ମାଗିଥିଲେ। ମୀନାକ୍ଷୀ ଭାତ ରନ୍ଧା ସରିଛି, କିନ୍ତୁ ତରକାରି ସରି ନାହିଁ ବୋଲି କହିବାରୁ ପ୍ରଶାନ୍ତ ତାଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇ ଉଗ୍ରରୂପ ଧାରଣ କରିଥିଲା। ମୀନାକ୍ଷୀ ଉତ୍‌କ୍ଷିପ୍ତ ହୋଇ ପ୍ରଶାନ୍ତଙ୍କ ଉପରେ ଗରମ ପେଜ ଫୋପାଡ଼ି ଦେଇଥିଲେ। ଫଳରେ ପ୍ରଶାନ୍ତ ଗୁରୁତର ହୋଇ ଯନ୍ତ୍ରଣାରେ ଚିତ୍କାର କରୁଥିବାବେଳେ ମୀନାକ୍ଷୀ ତାଙ୍କ ପୁଅକୁ ସାଙ୍ଗରେ ଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପଡ଼ୋଶୀ ଘର ଲୋକେ ପ୍ରଶାନ୍ତଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପ୍ରଶାନ୍ତଙ୍କ ସାନ ଭାଇ ବାପି ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ ୧୩୬/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ମୀନାକ୍ଷୀ ଫେରାର ଥିବାରୁ ପୋଲିସ ତାଙ୍କୁ ଗିରଫ କରିପାରି ନାହିଁ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଜୁନ, ୨୦୧୯



ବିବାହର ଏକମାତ୍ର ସତ୍ୟ ହେଉ ପରସ୍ପର ପ୍ରତି ଅନାବିଳ ଭଲପାଇବା।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୭ ବଖରା ଭସ୍ମୀଭୂତ

ବରୀ/ ରତ୍ନଗିରି,୯।୬(ସ୍ୱ.ପ୍ର./ଡି.ଏନ.ଏ.): ବରୀ ବ୍ଲକ ଅଧୀନ ମନ୍ଦାରୀ ପଞ୍ଚାୟତର ମେଦୁଆକୁଳ ରାଜସ୍ୱ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୩ ପରିବାରର ୭ ବଖରା ସମ୍ପୂର୍ଣ୍ଣ ଜଳିଯିବା ସହ ୬ ଗୋରୁ ଆହତ ହୋଇଛନ୍ତି। ଉଦ୍ଧବ ଚରଣ ବେହେରା, ମଧୁସୂଦନ ବେହେରା ଓ ପୁରୁଷୋତ୍ତମ ବେହେରା ରାତିରେ ଘରେ ଶୋଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ସରପଞ୍ଚ କବିତା ପଣ୍ଡାଙ୍କଠାରୁ ଖବରପାଇ ବରୀ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲା। ହେଲେ ପ୍ରଶାସନ ତରଫରୁ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଘଟଣାକୁ ଗୁରୁତ୍ୱ ଦେଇ କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ତରଫରୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

### କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ
### ବାତ୍ୟା ଘରଭଙ୍ଗା ତାଲିକା ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ

ଚଣ୍ଡିଖୋଲ,୯।୬(ଡି.ଏନ୍.ଏ.): ଚଣ୍ଡିଖୋଲରେ ରବିବାର କଂଗ୍ରେସ ପକ୍ଷରୁ ବିଧାୟକଭାବେ ପ୍ରାର୍ଥୀ ହୋଇଥିବା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାତ୍ୟାକୁ ମାସେ ବିତିଯାଇଥିଲେ ମଧ ଦର୍ପଣ ତହସିଲ ଦ୍ୱାରା କରାଯାଇଥିବା ସର୍ଭେ ଏକଦମ୍ ଭୁଲ୍। ବାତ୍ୟାରେ ସମ୍ପୂର୍ଣ୍ଣ ଓ ଆଂଶିକ ଘର ଭାଙ୍ଗିଥିବା ବ୍ୟକ୍ତିଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ ଏହାର ତଦନ୍ତକୁ ବାଟବଣା କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ବହୁ ବିପନ୍ନଙ୍କ ଘରକୁ ପ୍ରଶାସନିକ ଅଧିକାରୀମାନେ ନ ଯାଇ ସରକାରଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ନେଇ ଖବରଦାତା ସମ୍ମିଳନୀରେ ଅଭିଯୋଗ ହୋଇଛି। ପ୍ରଶାସନିକ ଭୁଲ ନିଷ୍ପତ୍ତି ଯୋଗୁ ବହୁ ଗରିବ ହିତାଧିକାରୀ କ୍ଷୟକ୍ଷତି ଆକଳନ ଓ ରିଲିଫ ପାଇବାରୁ ବଞ୍ଚିତ ହୋଇଥିବା ଅଜୟ ସାମଲ ପ୍ରକାଶ କରିଛନ୍ତି। ଚଣ୍ଡିଆ ଗ୍ରାମର ଭରତ ଦେହୁରୀ, ବଳରାମ ଦେହୁରୀ, ବ୍ରଜ ଦେହୁରୀ, ନଛିଆ ଦେହୁରୀ, ବାହାଦୁର ନଗର ଗ୍ରାମର କୁନି ମଲ୍ଲିକ୍, ରାମ ମଲ୍ଲିକ୍, ପ୍ରତାପ ମଲ୍ଲିକ୍ ବଣିଆରୀ ଗ୍ରାମର କୁମର ମହାପାତ୍ର ଓ ବାନାମ୍ବର ପରିଡାଙ୍କ ଘର ବାତ୍ୟାରେ ସମ୍ପୂର୍ଣ୍ଣ ନଷ୍ଟ ହେଇଥିଲାବେଳେ ସେମାନେ ଗତ ୧ ମାସ ଧରି ଗାଁ ସ୍କୁଲରେ ଆଶ୍ରୟ ନେଇଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ ପ୍ରଶାସନ ଜାଣି ଅଜଣାଭାବେ କାମ କରୁଥିବା ନେଇ ଅଜୟ ଅଭିଯୋଗ କରିଛନ୍ତି। ତୁରନ୍ତ ବଡ଼ଚଣାର ବାତ୍ୟା ବିପନ୍ନ ପରିବାରଙ୍କ ଭଙ୍ଗା ଘରର ପୁନଃତଦନ୍ତ କରାଯାଇ ସେମାନଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରିବାକୁ କଂଗ୍ରେସ ତରଫରୁ ଦାବି ହୋଇଛି। ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ଜୋନ୍ ସଭାପତି ଭାସ୍କର ପ୍ରଧାନ, ବ୍ଲକ୍ ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ସାହୁ, ଜୋନ୍ ସଭାପତି ସେକ୍ ରିୟାସତ୍ ଅଲ୍ଲି, ବ୍ଲକ କଂଗ୍ରେସ ସଂଖ୍ୟା ଲଘୁ ସେଲ ଅଧକ୍ଷ ସୁଲତାନ ସଇଫୁଲ୍ଲା ଖାଁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

### ଖତଖାଉଛି ଭିନ୍ନକ୍ଷମଙ୍କ ହ୍ୱିଲ୍‌ଚେୟାର

ଧର୍ମଶାଳା,୯।୬(ଡି.ଏନ.ଏ.): ଭିନ୍ନକ୍ଷମଙ୍କ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହି ଯୋଜନାଗୁଡିକ ସଫଳ ରୂପାୟନ ହୋଇପାରୁନାହିଁ। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଅଞ୍ଚଳରେ। ଭିନ୍ନକ୍ଷମଙ୍କ ପାଇଁ ବ୍ଲକକୁ ଆସିଥିବା ହୁଇଲଚେୟାର ବଣ୍ଟା ନ ଯାଇ ବର୍ଷବର୍ଷ ହେଲା ଗୋଦାମ ଘରେ ଖତଖାଉଛି। ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଭିନ୍ନକ୍ଷମମାନେ ଏହି ଯୋଜନାରୁ ବଞ୍ଚିତ ହେଉଥିବା ବେଳେ ଶହଶହ ହୁଇଲଚେୟାର, ସାଇକେଲ ଗୋଦାମ ଘରେ ପଡି ଖତଖାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ହେମନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ, ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟା ଶେଷ ହେଲେ ହୁଇଲଚେୟାର ବଣ୍ଟନ କରାଯିବ ବୋଲି କହିଥିଲେ।

■ ବାତ୍ୟା ଫନୀରେ ୭୦ ଜଳାଶୟ ପ୍ରଦୂଷିତ

# କାର୍ଯ୍ୟକାରୀ ହେଲାନି ଶୁଦ୍ଧୀକରଣ ନିର୍ଦ୍ଦେଶ

ଯାଜପୁର ଅଫିସ,୯।୬

ଯାଜପୁର ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଜଳାଶୟ କିସମ ଜମିକୁ ସୁରକ୍ଷା, ସଂରକ୍ଷଣ ଓ ପରିରକ୍ଷଣ କରିବାକୁ ଜିଲା ପ୍ରଶାସନ ସେତେଟା ପ୍ରାଧାନ୍ୟ ଦେଉ ନ ଥିବା ପରିଲକ୍ଷିତ ହେଉଛି। ବିଶେଷ କରି ଜିଲାର ବ୍ୟାସନଗର ଓ ଯାଜପୁର ସହରାଞ୍ଚଳରେ ଥିବା ଜଳାଶୟଗୁଡିକରେ ବିଭିନ୍ନ ପ୍ରକାର ବିଜାଣୁ ବୃଦ୍ଧି କାରଣରୁ ସେଥିରେ ଥିବା ପାଣି ସାଧାରଣରେ ବ୍ୟବହାର ଅନୁପଯୋଗୀ ହେଉଛି। ଗତ ବାତ୍ୟା ଫନୀ ଯୋଗୁ ଏହି ଦୁଇ ସହରରେ ଥିବା ୭୦ଟି ପୋଖରୀ ପ୍ରଭାବିତ ହୋଇଥିବା ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଫନୀ ପ୍ରଭାବିତ ଜଳାଶୟ ପାଣିକୁ ଶୁଦ୍ଧ କରି ବ୍ୟବହାରରେ ଉପଯୋଗୀ କରିବା ପାଇଁ ୭ଦିନ ମଧ୍ୟରେ ପଦକ୍ଷେପ ନେବାକୁ ଗତ ୧୮।୫।୨୦୧୯ରେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ହେଲେ ବ୍ୟାସନଗର ଓ ଯାଜପୁର ସହରର ପ୍ରଭାବିତ ଜଳାଶୟଗୁଡିକରେ ଆବଶ୍ୟକ ରାସାୟନିକ ଦ୍ରବ୍ୟ ପ୍ରୟୋଗ କରି ପାଣି ବ୍ୟବହାର ଉପଯୋଗୀ କରାଯାଇ ନ ଥିବା ଦେଖିବାକୁ ମିଳିଛି।

ଗତ ମେ ୩ରେ ହୋଇଥିବା ବାତ୍ୟା ଫନୀ ଯୋଗୁ ରାଜ୍ୟର ୧୩ଜିଲାର ୫୩ ସହରାଞ୍ଚଳରେ ବହୁ ଧନସମ୍ପତ୍ତି ନଷ୍ଟ ହେବା ସହ ୧୦୨୮ଟି ଜଳାଶୟ ପ୍ରଭାବିତ ହୋଇଥିବା ଜଣାପଡିଛି। ଏଥିରୁ ଗଞ୍ଜାମ ଜିଲାରେ ସର୍ବାଧିକ ୧୬୫ଟି, ଖୋର୍ଦ୍ଧାରେ ୧୩୮, ପୁରୀରେ ୧୧୩ ଓ ଭଦ୍ରକ ଜିଲାରେ ୧୦୭ଟି ଜଳାଶୟ ପାଣି ଦୂଷିତ ହୋଇଛି। ଏପରିକି ଯାଜପୁର ଜିଲାର ବ୍ୟାସନଗର ପୌରପରିଷଦରେ ୬୮ ଓ ଯାଜପୁର ପୌରପରିଷଦରେ ୨ଟି ଜଳାଶୟ ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହିସବୁ କ୍ଷତିଗ୍ରସ୍ତ ଜଳାଶୟଗୁଡିକ ତୁରନ୍ତ ସଫା କରିବା ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପ୍ରଭାବିତ ଜଳାଶୟଗୁଡ଼ିକରେ ପ୍ରତି ହେକ୍ଟର ପିଛା ୨୫କେଜି ଗ୍ରାନୁଲାର ଜିଓଲାଇଟ(ସୋଡିୟମ ସିଲିକେଟ) ପ୍ରୟୋଗ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଗ୍ରାନୁଲାର ଜିଓଲାଇଟ ଦ୍ୱାରା କ୍ଷତିଗ୍ରସ୍ତ ପାଣିରେ ଉତ୍ପନ୍ନ ହୋଇଥିବା ବିଷାକ୍ତ ଗ୍ୟାସ ଆମୋନିଆ, ହାଇଡ୍ରୋଜେନ ସଲଫାଇଡ ଓ ସଲଫର ଡାଇଅକ୍ସାଇଡକୁ ୪୮ ଘଣ୍ଟା ମଧ୍ୟରେ ନଷ୍ଟ କରିଦେବାର କ୍ଷମତା ରଖିଥାଏ। ଗ୍ରାନୁଲାର ଜିଓଲାଇଟ ବିଭିନ୍ନ ବ୍ରାଣ୍ଡରେ ବଜାରରେ ଉପଲବ୍ଧ ହୋଇଥାଏ। ତେବେ ଜିଓଲାଇଟ ପ୍ରୟୋଗ କରିବାର ୩ଦିନ ପରେ ହେକ୍ଟର ପିଛା ୨୫୦ କେଜି ଚୂନ (ଲାଇମ) ବ୍ୟବହାର କରାଗଲେ ୨୪ ଘଣ୍ଟା ମଧ୍ୟରେ ଏହାର କାର୍ଯ୍ୟ ଆରମ୍ଭ କରି ୪୮ ଘଣ୍ଟା ମଧ୍ୟରେ ସମସ୍ତ ବୀଜାଣୁ ସମ୍ବନ୍ଧୀୟ କୀଟପତଙ୍ଗଙ୍କୁ ନଷ୍ଟ କରିଥାଏ। ଏହାପରେ ଜଳାଶୟ ପାଣି ସାଧାରଣରେ ବ୍ୟବହାର ଉପଯୋଗୀ ହୋଇଥାଏ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଥିଲା। ହେଲେ ବିଡମ୍ବନା ଯେ, ଏହି ଦୁଇ ସହରରେ ଥିବା ଅଧିକାଂଶ ଜଳାଶୟରେ ଏଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଜଳାଶୟ ପାଣିରୁ ଦୁର୍ଗନ୍ଧ ବାହାରି ତାହା ସଚରାଚରକୁ ଦୂଷିତ କରୁଛି। ସେହିପରି ବାତ୍ୟା ଫନୀରେ ଉଡି ଆସିଥିବା ବିଭିନ୍ନ ଧୂଳିକଣା, ଲଟାବୁଦା, ଗଛଡାଳ ଆଦି ଜଳାଶୟରେ ପଡ଼ି ପଚିସଢି ଯାଇଥିବା ଅନୁମାନ କରାଯାଉଛି। ସହରାଞ୍ଚଳ ସହ ଗ୍ରାମାଞ୍ଚଳର ସମସ୍ତ ଜଳାଶୟରେ ଏହି ପଦକ୍ଷେପ ନିଆଯାଇପାରେ ବୋଲି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଯାଜପୁର ଜିଲାରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ପୋଖରୀ ଥିଲା ବୋଲି ଜନଶ୍ରୁତି ରହିଛି। କିନ୍ତୁ ଏବେ ୨୩୮୯ଟି ପୋଖରୀ ରହିଥିବା ସରକାରୀ ଭାବେ କୁହାଯାଇଛି। ସେଥିରୁ କୋରେଇ ବ୍ଲକରେ ସର୍ବାଧିକ ୮୨୮ଟି ପୋଖରୀ ରହିଥିବାବେଳେ ବଡଚଣା ବ୍ଲକରେ ୧୯୯, ବରୀ ବ୍ଲକରେ ୫୧, ବିଞ୍ଝାରପୁରରେ ୧୨୫, ଦାନଗଦିରେ ୨୦୫, ଦଶରଥପୁରରେ ୨୨୩, ଧର୍ମଶାଳାରେ ୨୦୫, ଯାଜପୁର ବ୍ଲକରେ ୧୨୧, ରସୁଲପୁର ବ୍ଲକରେ ୧୮୭, ସୁକିନ୍ଦାରେ ୧୪୫ ଏବଂ ବ୍ୟାସନଗର ଓ ଯାଜପୁର ମ୍ୟୁନିସିପାଲିଟି ଅଞ୍ଚଳରେ ୧୦୦ଟି ଜଳାଶୟ ରହିଛି। ତେବେ ଜଳାଶୟ ଶୁଦ୍ଧିକରଣ ସଂକ୍ରାନ୍ତରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ସୁରେଶ ଚନ୍ଦ୍ର ଦଲାଇ ସମ୍ପୃକ୍ତ ସହରାଞ୍ଚଳର ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଜଳାଶୟଗୁଡିକର ଶୁଦ୍ଧିକରଣ ପାଇଁ ଏକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏଥିରେ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ବିଭାଗୀୟ ଅଧିକାରୀଙ୍କ ସହଯୋଗ ନେବାକୁ ସେ ପରାମର୍ଶ ଦେଇଛନ୍ତି।



**ଯାଜପୁର ଜିଲା**
■ବ୍ୟାସନଗରରେ ୬୮ ଓ ଯାଜପୁର ମ୍ୟୁନିସିପାଲିଟିରେ ୨ ଜଳାଶୟ ପ୍ରଭାବିତ

### ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

ଯାଜପୁର ଟାଉନ,୯।୬(ଡିଏନଏ)

ଯାଜପୁର ସହର ନହରାପୁର ଗ୍ରାମର ଜଣେ ନବବଧୂଙ୍କୁ ଅଧିକ ଯୌତୁକ ଦାବି କରି ହତ୍ୟା କରାଯିବା ଘଟଣାରେ ରବିବାର ଯାଜପୁର ପୋଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ୨୦୧୮ ଡିସେମ୍ବରରେ ବୁଟୁ ନାୟକ ସେହି ଗ୍ରାମର କବିତା ନାୟକଙ୍କୁ ବୈଦିକ ରୀତି ଅନୁଯାୟୀ ବିବାହ କରିଥିଲେ। ବିବାହ ସମୟରେ କନ୍ୟା ଘର ପକ୍ଷରୁ ଦାବି ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବି କରି ବରଘର ପକ୍ଷରୁ କବିତାଙ୍କୁ ବାରମ୍ବାର ମାନସିକ ଓ ଶାରିରୀକ ନିର୍ଯାତନା ଦିଆଯାଉଥିଲା। ଏହାପରେ ଗତ ୩୦ ତାରିଖ କବିତାଙ୍କୁ କିରୋସିନ ଢାଳି ପୋଡି ଦିଆଯାଇଥିଲା ବୋଲି ବାପଘର ଲୋକେ ଅଭିଯୋଗ କରିଥିଲେ। କବିତାଙ୍କୁ ପ୍ରଥମେ ଯାଜପୁର ଡାକ୍ତରଖାନାକୁ ଅଣାଯିବା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ କବିତା ଘର ପକ୍ଷରୁ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏତଲାକୁ ଭିତ୍ତିକରି ଏକ ମାମଲା (ନଂ ୧୫୨/୧୯) ରୁଜୁ କରାଯାଇ ରବିବାର ବୁଟୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

■ ଜରନ୍ଦାପାଳ ପୋଲ ନିକଟରୁ ଗାଡ଼ି ମାଲିକଙ୍କ ମୃତଦେହ ଉଦ୍ଧାର ଘଟଣା

## ମୁଖ୍ୟ ଅଭିଯୁକ୍ତ, ସହଯୋଗୀ ଗିରଫ

କଳିଙ୍ଗନଗର,୯।୬(.ଡି.ଏନ୍.ଏ.)

ଟମକା ଥାନା ଜରନ୍ଦାପାଳ ଛକ ନିକଟରୁ ଗାଡ଼ି ମାଲିକ ନିରଞ୍ଜନ ସାହୁଙ୍କ ମୃତଦେହ ଉଦ୍ଧାର ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ଜନିତାପାଳ ଗ୍ରାମର ସଂଗ୍ରାମ ମଲିକ (୩୦)ଓ ସହଯୋଗୀ ଉତ୍ତମ ଡାଙ୍ଗୁଆ (୨୫)। ଶୁକ୍ରବାର ପୋଲିସ ସଂଗ୍ରାମଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିଲା। ଘଟଣାଦିନ ତାଙ୍କ ଘରୁ ପୋଲିସ ଏକ ଏୟାର ପିସ୍ତଲ, ଛୁରି ଓ ୮ ମୋବାଇଲ ଏବଂ ବୁଲେଟ ମଧ ଜବତ କରିଥିଲା। ଏହି ଜଘନ୍ୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅନ୍ୟଜଣେ ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ରବିବାର କଳିଙ୍ଗନଗର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା କହିଛନ୍ତି। ବ୍ୟବସାୟିକ ଶତ୍ରୁତାକୁ ନେଇ ସଂଗ୍ରାମ ନିରଞ୍ଜନଙ୍କୁ ତାଙ୍କ ସହଯୋଗୀଙ୍କ ସହ ମିଶି ହତ୍ୟା କରିଥିବା ସ୍ୱୀକାର କରିଛି ବୋଲି ସେ କହିଛନ୍ତି। ପୋଲିସ କହିବା ମୁତାବକ ଟିପ୍ପର ବ୍ୟବସାୟକୁ ନେଇ ଦୀର୍ଘଦିନ ଧରି ଉଭୟଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ଏହାକୁ ନେଇ ଘଟଣା ଦିନ ରାତିରେ ସଂଗ୍ରାମ ନିରଞ୍ଜନଙ୍କୁ ମଦପିଇବାକୁ ଡାକିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ସଂଗ୍ରାମ ରାଗିଯାଇ ଛୁରିରେ ନିରଞ୍ଜନଙ୍କ ବେକକୁ କାଟି ଦେଇଥିଲେ। ଧରାପଡିଯିବା ଭୟରେ ସଂଗ୍ରାମ ପ୍ରମାଣ ନଷ୍ଟ କରିବାକୁ ଯାଇ ସେ ପିନ୍ଧିଥିବା ପୋଷାକ ଖୋଲି ନିଆଁ ଲଗାଇ ପାଇଖାନା ଟାଙ୍କି ଭିତରେ ପକାଇଦେଇଥିଲେ। କିନ୍ତୁ ଗାଡି ପୋଛୁଥିବା କପଡ଼ାରେ ରକ୍ତ ଲାଗିଥିବା ଛୁରି ଓ ହାତ ପୋଛି ମୃତଦେହ ନିକଟରେ ପକାଇଦେଇଥିଲେ। ଯାହା ପୋଲିସକୁ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାରେ ସହାୟ ହୋଇଥିବା ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ଟମକା ଥାନା ଅଧିକାରୀ ସଙ୍ଘମିତ୍ରା ନାୟକ ଓ କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ପଟ୍ଟନାୟକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଜରନ୍ଦାପାଳ ଗ୍ରାମର ଗାଡି ମାଲିକ ନିରଞ୍ଜନ ଗୁରୁବାର ସନ୍ଧ୍ୟାରେ ଘରୁ ବାହାରକୁ ଯାଇ ଫେରି ନ ଥିଲେ। ଶୁକ୍ରବାର ସକାଳେ ଜରନ୍ଦାପାଳ ଛକ ନିକଟ ପୋଲ ପାଖରେ ରକ୍ତଜୁଡୁବୁଡୁ ଅବସ୍ଥାରେ ନିରଞ୍ଜନଙ୍କ ମୃତଦେହ ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। କଳିଙ୍ଗନଗର ଏଏସ୍‌ପି ରାଜ କିଶୋର ଦୋରା, ଟମକା ଥାନା ଅଧିକାରିଣୀ ସଙ୍ଘମିତ୍ରା ନାୟକ ଓ କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀକୁକୁର ସହ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତବେଳେ ପୋଲିସ ଘଟଣାସ୍ଥଳରୁ ଏକ ଛୁରୀ ପାଇଥିଲା। ପରେ ସନ୍ଧାନୀକୁକୁରର ସହାୟତାରେ ସଂଗ୍ରାମଙ୍କ ଘରେ ପହଞ୍ଚି ସନ୍ଦେହରେ ତାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିଲା। ମୃତ ନିରଞ୍ଜନଙ୍କ ସ୍ତ୍ରୀ ସୁଚିତ୍ରା ସାହୁଙ୍କ ଅଭିଯୋଗ ଆଧାରରେ ପୋଲସ ଏକ ମାମଲା ନଂ–(୪୪/୧୯) ରୁଜ କରିଥିଲା।



ଗିରଫ ୨ ଅଭିଯୁକ୍ତ।

### ଖବରଦାତାଙ୍କ ପାଇଁ ପେନସନ, ସୁରକ୍ଷା ଆଇନ ଦାବି

ଜେନାପୁର,୯।୬(ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ନେତାଜୀ ସାମ୍ବାଦିକ ସଂଘର ଏକ ସ୍ୱତନ୍ତ୍ର ବୈଠକ ରବିବାର ମର୍ଜିତାପୁରସ୍ଥିତ ହିଙ୍ଗୁଳା ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି। ସଂଘର ଉପଦେଷ୍ଟା ବିଶ୍ୱନାଥ ସାମଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଖବରଦାତାଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ ଓ ପେନସନ ବ୍ୟବସ୍ଥା ଲାଗୁ କରାଯିବା ନେଇ ବୈଠକରେ ଦାବି କରାଯାଇଛି। ଶେଷରେ ଦିବଂଗତ ଖବରଦାତା ସ୍ୱର୍ଗତ ରାମହରି ମିଶ୍ର ଓ ଅର୍ଦ୍ଧେନ୍ଦୁ ଶେଖର ଦେଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଦେଷ୍ଟା ଶଙ୍କର ପ୍ରତାପ ଦାସ, ବସନ୍ତ କୁମାର ନାୟକ, ସୁଶାନ୍ତ ଖଟୁଆ, ବିନୋଦ ପରିଡା, ଶୁସାନ୍ତ ଗୋଛାୟତ, ଅଶୋକ ଦାସ, ବାବୁଲି ରାଉତ, ସୌମ୍ୟ ରଞ୍ଜନ ପଣ୍ଡା, ସୁବ୍ରତ ସାହୁ, ବିନୟ ଜେନାମଣି, ପ୍ରଶାନ୍ତ ସାମଲ, ସୁନୀଲ ଶତପଥୀ, ପ୍ରଭାତ କୁମାର ସାହୁ, ସନ୍ତୋଷ ଶତପଥି ପ୍ରମୁଖ ବୈଠକରେ ଯୋଗଦେଇ ଥିଲେ। ଶେଷରେ ସାମ୍ବାଦିକ ବାବୁଲି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଦେବୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଚଣ୍ଡିଖୋଲ,୯।୬(ଡି.ଏନ୍.ଏ.)

ଓଡ଼ିଶାର ଏକମାତ୍ର ଓ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ଅବସରରେ ସ୍ମୃତି ସଂସଦ ଓ ଚଣ୍ଡିଖୋଲ ପ୍ରେସ୍ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ରବିବାର ଚଣ୍ଡିଖୋଲ ପ୍ରେସ୍ କ୍ଲବ୍ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦୀପ୍ତ କୁମାର ପରିଡା ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଅତିଥିଭାବେ ଉଦୟଗିରି ବୁଦ୍ଧ ମହୋତ୍ସବର ଆବାହକ ମହେଶ୍ୱର ବଳ, ମାହାଙ୍ଗା ବଡ଼ଚଣା ସାହିତ୍ୟ ସଂସ୍କୃତି ପରିଷଦ ସଭାପତି ଭକ୍ତଚରଣ ସାହୁ, ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ପ୍ରେସ୍ କ୍ଲବ୍ ସମ୍ପାଦକ ଦିଲୀପ କୁମାର ମହାନ୍ତି ପ୍ରମୁଖ ନନ୍ଦିନୀ ଦେବୀଙ୍କ କାର୍ଯ୍ୟଶୈଳୀ ଓ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁବାଦ ଲେଖା ତାଙ୍କ ରଚନାର ଏକ ଅଂଶବିଶେଷ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର କୁମାର ରାଉତ, ଶିବରାମ ସାହୁ, ସମରେନ୍ଦ୍ର ମାହାଲା, ପ୍ରମୋଦ କୁମାର ଜେନା, ମନମୋହନ ରାଉତ୍, ମୋହନ ଖିଲାର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି ସଂସଦ ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରସନ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



ସ୍ମୃତି ସଂସଦ ଓ ଚଣ୍ଡିଖୋଲ ପ୍ରେସ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

### ତୁଳସୀକ୍ଷେତ୍ରକୁ ତୁଳସୀ ଅର୍ପଣ

ଜେନାପୁର, ୯।୬(ଡି.ଏନ୍.ଏ.): ସାମୁଦ୍ରିକ ଝଡ ଫନୀ ପରେ ପୁରୀରେ ତୁଳସୀପତ୍ରର ଅଭାବ ଦେଖାଦେଇଛି। ତେଣୁ ତୁଳସୀପତ୍ରର ଅଭାବକୁ ପୂରଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଭକ୍ତଙ୍କୁ ନିବେଦନ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଅଞ୍ଚଳର କେତେଜଣ ଭକ୍ତ ଅଞ୍ଚଳରୁ ତୁଳସୀପତ୍ର ସଂଗ୍ରହ କରି ତୁଳସୀକ୍ଷେତ୍ରକୁ ଅର୍ପଣ କରିଛନ୍ତି। ସାମାଜିକକର୍ମୀ ନାରାୟଣ ବରାଳଙ୍କ ନେତୃତ୍ୱରେ ପ୍ରଫୁଲ୍ଲ କୁମାର ସାହୁ, ସୁଶାନ୍ତ କୁମାର ଖଟୁଆ, ଅନୀଲ ଧିର ପ୍ରମୁଖ ଟ୍ରେନ୍ ଯୋଗେ ପୁରୀରେ ପହଞ୍ଚି ସେବାୟତ ଲକ୍ଷ୍ମୀଧର ପଣ୍ଡାଙ୍କୁ ତୁଳସୀ ଗୁଛ ପ୍ରଦାନ କରିଥିଲେ।

### ପଶ୍ଚିମ ଓଡ଼ିଶାକୁ ନିୟମିତ ଟ୍ରେନ ଚଳାଚଳ ଦାବି
## କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ସ୍ମାରକପତ୍ର

ଯାଜପୁର ଅଫିସ,୯।୬

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗଢି ଉଠିଥିବା ବିଭିନ୍ନ ଶିଳ୍ପ କାରଖାନାରେ ପଶ୍ଚିମ ଓଡ଼ିଶାରୁ ୧୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କ ଗମନାଗମନ ପାଇଁ ଯାଜପୁର–କେନ୍ଦୁଝରରୋଡ ରେଳଷ୍ଟେଶନରୁ ନିୟମିତ ଭାବେ ଗୋଟିଏ ବି ଟ୍ରେନ ଚଳାଚଳ କରୁନାହିଁ। ତେଣୁ ବାଲେଶ୍ୱରରୁ ପଶ୍ଚିମ ଓଡିଶାର ବଲାଙ୍ଗୀର, ଟିଟିଲାଗଡ କିମ୍ବା ରାୟଗଡା ଆଦି ଯେକୌଣସି ସ୍ଥାନ ପର୍ଯ୍ୟନ୍ତ ଏକ ନିୟମିତ ଏକ୍ସପ୍ରେସ ଟ୍ରେନ ଚାଲୁ କରିବାକୁ ପଶ୍ଚିମ ଓଡିଶା ପରିବାର ପକ୍ଷରୁ ଦାବି ହୋଇଛି। ଏହି ମର୍ମରେ ବ୍ୟାସନଗରଠାରେ ଅଖିଳ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରବିବାର ଆୟୋଜିତ ପ୍ରଦେଶ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ରେଳମନ୍ତ୍ରୀଙ୍କ ସହିତ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଅବସରରେ ପଶ୍ଚିମଓଡିଶା ପରିବାର ସଭ୍ୟ ନୀଳକଣ୍ଠ ପ୍ରଧାନ, ସୁବୋଧ ପଣ୍ଡା, ପ୍ରମୋଦ ପଣ୍ଡା, ଦୀନେଶ କୁମାର ମାଝୀ, ସୁବଳ ପଧାନ, ବିକାଶ ପୂଝାରୀ ପ୍ରମୁଖ ସାମିଲ ହୋଇଥିଲେ।

# ୧୦ ବର୍ଷ ବିତିଲା, ସମ୍ପୂର୍ଣ୍ଣ ହେଲାନି ନଦୀବନ୍ଧ

ଯାଜପୁରରୋଡ,୯।୬(ନି.ପ୍ର.)

କୋରେଇ ବ୍ଲକ ମଧ୍ୟଦେଇ ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ପ୍ରବାହିତ ହୋଇଛି। ଏହି ନଦୀବନ୍ଧ ନିର୍ମାଣ କାର୍ଯ୍ୟ ୨୦୦୯ରୁ ଆରମ୍ଭ ହୋଇଛି। ଇତିମଧ୍ୟରେ ୧୦ ବର୍ଷ ବିତିଯାଇଥିଲେ ମଧ ୧୦ କି.ମି. ନଦୀବନ୍ଧ ସମ୍ପୂର୍ଣ୍ଣ ହୋଇନାହିଁ। ରାଜନେତା, ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଇଚ୍ଛାଶକ୍ତି ଅଭାବ ଯୋଗୁ ନଦୀବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲାର ଉତ୍ତର ପାର୍ଶ୍ୱ ନଦୀବନ୍ଧ ସୁଦୃଢ ହୋଇଥିବାବେଳେ ଦକ୍ଷିଣପାର୍ଶ୍ୱ ପ୍ରତି ବିପଦ ଦେଖାଯାଇଛି। ପ୍ରତିବର୍ଷ ବୈତରଣୀ ନଦୀରେ ବନ୍ୟା ଆସିଲେ କୋରେଇ ବ୍ଲକର ଅସନଝର, ରଣପୁର, ଗୌରପୁର, ମକୁନ୍ଦପୁର, ବନ୍ଦାଳ ପ୍ରଭୃତି ପଞ୍ଚାୟତର ୫୦ ହଜାର ଲୋକ ପ୍ରଭାବିତ ହେଉଥିଲେ। ୨୦୦୯ରେ ପ୍ରୀତିରଞ୍ଜନ ଘଡେଇ କୋରେଇ ବିଧାୟକ ହେବା ପରେ ଏହି ନଦୀବନ୍ଧ ନିର୍ମାଣ ପାଇଁ ସରକାରଙ୍କୁ ଚାପ ପକାଇ ୫ କି.ମି. ନଦୀବନ୍ଧ ନିର୍ମାଣ କରିଥିଲେ। ୨୦୧୪ରେ ଆକାଶ ଦାସନାୟକ କୋରେଇ ବିଧାୟକ ହେବା ପରେ ନଦୀବନ୍ଧ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ ଓ ନଦୀବନ୍ଧ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ମଥୁରାପୁରଠାରୁ ଦୁଲାଖାପାଟଣା ଷ୍ଟେଶନ ପର୍ଯ୍ୟନ୍ତ ନଦୀ ମୁକୁଳା ପଡିଛି। ନଦୀବନ୍ଧ ଅର୍ଥ ବରାଦ ହୋଇ ମଧ ପଡିରହିଛି। ଆଗକୁ ବର୍ଷାଦିନ ଆସୁଛି। ଏବେ ୫ ପଞ୍ଚାୟତବାସୀ ଆତଙ୍କିତ ଅଛନ୍ତି। ପ୍ରତିବର୍ଷ ବୈତରଣୀ ନଦୀରେ ବନ୍ୟାଜଳ ଆସିବା ଦ୍ୱାରା ଧାନଫସଲ ଧୋଇ ହୋଇଯାଏ। ଉକ୍ତ ଅଞ୍ଚଳରେ ବନ୍ୟା ଯୋଗୁ ଦିନକୁଦିନ ଆର୍ଥିକ ମାନଦଣ୍ଡ ହ୍ରାସ ପାଉଛି। ଏ ନେଇ ମକୁନ୍ଦପୁର ପଞ୍ଚାୟତ ପକ୍ଷରୁ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦିଆଯାଇଥିଲେ ମଧ ଏଯାବତ୍ କାର୍ଯ୍ୟକାରୀ ହେଉନାହିଁ। ଏ ସମ୍ପର୍କରେ ଯାଜପୁର ଜଳସେଚନ ବିଭାଗର ଏସଡିଓଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ନ ଉଠାଇବାରୁ ମତାମତ ମିଳିବା ସମ୍ଭବ ହୋଇନାହିଁ। ମକୁନ୍ଦପୁର ପଞ୍ଚାୟତର ପ୍ରଦୀପ କୁମାର ସାହୁ କୁହନ୍ତି, ବୈତରଣୀ ନଦୀର ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ମଥୁରାପୁରଠାରୁ ଦୁଲାଖାପାଟଣା ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ହୋଇପଡିଛି। ୨୦୦୯ରେ ପ୍ରୀତିରଞ୍ଜନ ଘଡେଇ ବିଧାୟକ ହେବାପରେ ବନ୍ଧ ନିର୍ମାଣ ଆରମ୍ଭ କରିଥିଲେ। ୨୦୧୪ରେ ଆକାଶ ଦାସନାୟକ ନଦୀବନ୍ଧ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ହେଲେ କାହିଁକି କାର୍ଯ୍ୟକାରୀ ହେଇପାରୁନାହିଁ, ସେ ନେଇ ପ୍ରଶ୍ନ ଉଠିଛି। ଆଗକୁ ବର୍ଷାଋତୁ ଆସୁଛି। ୫ ପଞ୍ଚାୟତ ଲୋକେ ଭଗବାନଙ୍କୁ ଆଶାକରି ପଡିରହିଛନ୍ତି। ରବୀନ୍ଦ୍ର ବାରିକ କୁହନ୍ତି, ବୈତରଣୀ ନଦୀର ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ସମ୍ପୂର୍ଣ୍ଣ କରାଯାଉନାହିଁ। ଜିଲା ପ୍ରଶାସନ ନିକଟରେ ବନ୍ଧ ପାଇଁ ଦାବି କରାଯାଉଥିଲେ ମଧ କୌଣସି ସୁଫଳ ମିଳିନାହିଁ। ମଥୁରାପୁର ପୋଲଠାରୁ ନଦୀବନ୍ଧ ଆଉ ଆଗେଇ ପାରିନାହିଁ। ରବୀନ୍ଦ୍ର ଜେନା କୁହନ୍ତି, ବାଲିଆପାଳ ଗାଁ ବୈତରଣୀ ନଦୀକୂଳରେ ଅବସ୍ଥିତ। ବୈତରଣୀ ନଦୀରେ ବନ୍ୟା ଆସିଲେ ଚାଷ ନଷ୍ଟ ହେଉଛି। ନଦୀବନ୍ଧ ପାଇଁ ବହୁ ଆନ୍ଦୋଳନ ହୋଇଥିଲା। ୨୦୦୯ରେ ନଦୀବନ୍ଧ ତତ୍କାଳୀନ ବିଧାୟକ ପ୍ରୀତିରଞ୍ଜନ ଘଡେଇ ବନ୍ଧ କାମ ଆରମ୍ଭ କରିଥିଲେ। ପରେ ୨୦୧୪ରେ ଆକାଶ ଦାସନାୟକ ବିଧାୟକ ହେବାପରେ ନଦୀବନ୍ଧ ଶେଷ ସମୟରେ ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ନଦୀବନ୍ଧ ନିର୍ମାଣ ହୋଇନାହିଁ।

**ବୈତରଣୀ ନଦୀ**



■ବନ୍ୟା ଆସିଲେ ପ୍ରଭାବିତ ହୁଅନ୍ତି ପ୍ରାୟ ୫୦ ହଜାର ଲୋକ
■ଜିଲା ପ୍ରଶାସନ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଇଚ୍ଛାଶକ୍ତିର ଅଭାବ



ବିବାହର ଏକମାତ୍ର ସତ୍ୟ ହେଉ ପରସ୍ପର ପ୍ରତି ଅନାବିଳ ଭଲପାଇବା।
- ମହାତ୍ମା ଗାନ୍ଧୀ



# ବସ୍ କର୍ମଚାରୀ ମାନୁନାହାନ୍ତି ନୀତିନିୟମ

ନୟାଗଡ଼ ଅଫିସ,୯।୬



ଏକ ମିନିବସ୍‌ରେ ଅତ୍ୟଧିକ ମାଲ୍ ପରିବହନ ହେଉଛି।

- ମନଇଚ୍ଛା ଯାତ୍ରୀ ପରିବହନ, ସାମଗ୍ରୀ ଲୋଡ୍ ପ୍ରମୁଖ କାରଣ
- କୁମ୍ଭକର୍ଣ୍ଣ ନିଦ୍ରାରେ ବିଭାଗ
- ବଢ଼ୁଛି ଦୁର୍ଘଟଣା

ଗତ ମେ ୫ ତାରିଖରେ ନୟାଗଡ଼ ଜିଲା ରଣପୁର ଥାନା କୋଟଗଡ଼ ଘାଟିରେ ଏକ ମିନିବସ୍ ଓଲଟି ୧୩ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇଥିଲେ। ଏହା ପୂର୍ବରୁ ୨୩ ଡିସେମ୍ବର ୨୦୧୭ରେ ନୟାଗଡ଼ ଟ୍ରାଫିକ୍ ଛକଠାରେ ଏକ ବସ୍‌ର ବ୍ରେକ୍ ଫେଲ୍ ହେବାରୁ ଅନ୍ୟ ଏକ ବସ୍ ସହ ଧକ୍କା ହୋଇଥିଲା। ଫଳରେ ଏଥିରେ ୧୦ଜଣ ଆହତ ହୋଇଥିଲେ। ଖାଲି ଏହି ଦୁଇ ଘଟଣା ନୁହେଁ, ଜିଲାର ବିଭିନ୍ନ ସ୍ଥାନରେ ବସ୍ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ବିଶେଷ କରି ଖଣ୍ଡପଡ଼ାରୁ ନୟାଗଡ଼ ରାସ୍ତାରେ ଅନେକ ଥର ମିନିବସ୍ ଦୁର୍ଘଟଣା ଘଟି ଲୋକଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି। ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ପରିବହନ ଓ ଫିଟ୍‌ନେସ୍ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଅଧିକାଂଶ ବସ୍‌ର ଫିଟ୍‌ନେସ୍ ନ ଥିଲେ ମଧ୍ୟ ତାହା ଚଳାଚଳ କରୁଥିବା ଦେଖାଯାଉଛି। ସେହିପରି ଓଭରଲୋଡ୍ ଅନ୍ୟ ଏକ ସମସ୍ୟା ହୋଇଛି। କେତେକ ବସ୍ ଅତ୍ୟଧିକ ସାମଗ୍ରୀ ଲୋଡ୍ କରୁଥିବାରୁ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ ଗୋଟିଏ ବସ୍‌ରେ ଯେତିକି ସିଟ୍ ଥାଏ ସେତିକି ଲୋକ ବସିବା ପରେ ସିଟ୍ ସଂଖ୍ୟାର ଅଧା ଲୋକଙ୍କୁ ଠିଆ କରି ନେବା କଥା। କିନ୍ତୁ କେତେକ ବସ୍‌ରେ ଏହାଠାରୁ ବହୁ ଅଧିକ ଲୋକଙ୍କୁ ଖୁନ୍ଦାଖୁନ୍ଦି କରି କରି ନିଆଯାଉଛି। ଅନୁରୂପ ଭାବେ ବସ୍‌ରେ କୌଣସି ଯାତ୍ରୀ ଯାତ୍ରାକଲେ ସେ ତାଙ୍କ ଲଗେଜ୍ ଉପରେ ଲୋଡ୍ କରି ନେବା ନିୟମ ରହିଛି। ହେଲେ ପ୍ରତିଦିନ ସକାଳେ ବହୁ ମିନିବସ୍ ୨୦ରୁ ୨୫ଟି ଆଳୁବସ୍ତା, କଦଳୀ କାନ୍ଦି, ପରିବା ବସ୍ତା ଆଦି ଲୋଡ୍ କରି ଯାତ୍ରା କରୁଛନ୍ତି। ବିଭାଗ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଦେଖିବାକୁ ମିଳୁଛି। ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଚଢ଼ାଉ ନ ହେବାରୁ ବସ୍ ମାଲିକ ଓ ଡ୍ରାଇଭରମାନେ ମନଇଚ୍ଛା ଏଭଳି କରୁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ପ୍ରକାଶ ଯେ, ପ୍ରତିଦିନ ନୟାଗଡ଼ ଜିଲାରୁ ବାହାର ଅଞ୍ଚଳକୁ ୧୦୦ରୁ ୧୧୦ ବସ୍ ଓ ଜିଲାର ବିଭିନ୍ନ ସ୍ଥାନକୁ ୩୫ରୁ ୪୦ ମିନିବସ୍ ଯାତାୟାତ କରନ୍ତି। ସେହିଭଳି ସରକାରୀ ବସ୍ ପ୍ରତ୍ୟହ ୮ ଖଣ୍ଡ ଜିଲା ଦେଇ ଯାତାୟାତ କରେ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଅଧିକରୁ ଅଧିକ ଦୁର୍ଘଟଣା ଘଟି ଧନଜୀବନ ହାନିକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ପ୍ରତାପ ପ୍ରୀତିମୟଙ୍କୁ ପଚାରିବାରୁ ସେ କହିଥିଲେ, ସପ୍ତାହକ ଭିତରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯିବ।

# ବରିଷ୍ଠଙ୍କ ଆଶୀର୍ବାଦ ଯୁବପିଢ଼ିଙ୍କ ପାଇଁ ବରଦାନ

ନୟାଗଡ଼ ଅଫିସ,୯।୬

ବରିଷ୍ଠ ନାଗରିକ ସମାଜର ପଥପ୍ରଦର୍ଶକ। ସେମାନଙ୍କ ନିଷ୍ଠା, ତ୍ୟାଗର ତୁଳନା ନାହିଁ। ବରିଷ୍ଠଙ୍କ ଉପସ୍ଥିତି ପରିବାର ଭିତରେ ଶୃଙ୍ଖଳା ରକ୍ଷା କରିଥାଏ। ବାପା, ବୋଉ, ଜେଜେବାପା, ଜେଜେମା ଭଳି ବରିଷ୍ଠମାନଙ୍କ ଆଶୀର୍ବାଦ ପୁଅ, ଝିଅ ଏବଂ ଯୁବପିଢ଼ିଙ୍କ ପାଇଁ ବରଦାନ ସଦୃଶ। ସେମାନଙ୍କର ପ୍ରେରଣା, ନୀତି, ଆଦର୍ଶ ସନ୍ତାନଙ୍କ ପାଇଁ ମଙ୍ଗଳ ହୋଇଥାଏ। ନୟାଗଡ଼ ଜିଲା ବରିଷ୍ଠ ନାଗରିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଶନିବାର ସନ୍ଧ୍ୟାରେ ଜରାନିବାସ ସମର୍ପଣଠାରେ ବରିଷ୍ଠ ନାଗରିକଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ମତ ପ୍ରକାଶ ପାଇଛି। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ଅନ୍ତେବାସୀଙ୍କ ସହିତ କିଛିସମୟ ବିତାଇ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟକଳାପ ବିଷୟରେ ପଚାରି ବୁଝିଥିଲେ। ଜୁଲାଇ ଶେଷରେ ବରିଷ୍ଠ ନାଗରିକ ଓ ଅନ୍ତେବାସୀମାନେ ପୁରୀକୁ ତୀର୍ଥଯାତ୍ରା ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଟ୍ରଷ୍ଟ ସମ୍ପାଦକ ଅରୁଣ କୁମାର ମହାନ୍ତି ବିବରଣୀ ଉପସ୍ଥାପନ କରିବା ସହ ଧନ୍ୟବାଦ ଦେଇଥିଲେ।

# ଚୋରି ଘଟଣା: ଜଣେ ଗିରଫ, ୨ ଫେରାର

ଗଣିଆ, ୯।୬(ଡି.ଏନ.ଏ.)


ଜବତ ଟଙ୍କା,ମୋବାଇଲ ଓ ଗିରଫ ଅଭିଯୁକ୍ତ।

ଗଣିଆ ଥାନା ବେଲପଡାପାଟଣା ଗ୍ରାମରେ ଗତ ମେ ୨୮ ତାରିଖ ରାତିରେ ହୋଇଥିବା ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ମାନସ ନାଏକ(୨୪)। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇଜଣ ଫେରାର ଅଛନ୍ତି। ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବେଲପଡାପାଟଣା ଗ୍ରାମର ଚତୁର୍ଭୁଜ ବାରିକ ସପରିବାର ଗତ ୨୮ ତାରିଖରେ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ଏହି ସୁଯୋଗରେ ମାନସ ଓ ତାଙ୍କର ଦୁଇ ସହଯୋଗୀ ବିଜୟନଗର ଗ୍ରାମର ଦୀପୁ ନାଏକ ଓ ବେଲପଡାପାଟଣା ଗ୍ରାମର ସୁମନ୍ତ ପାତ୍ର ତାଙ୍କ ଘର ପଛପାଖ ଗ୍ରୀଲ ଓ କବାଟ ଭାଙ୍ଗି ଘରେ ପଶିଥିଲେ। ସେମାନେ ଲୁହା ଆଲମିରା ଭାଙ୍ଗି ସୁନାରୁପା ଅଳଙ୍କାର ଓ ୩ହଜାର ଟଙ୍କା ଲୁଟିନେଇଥିଲେ। ପରଦିନ ପଡୋଶୀଙ୍କଠାରୁ ଖବର ପାଇ ଚତୁର୍ଭୁଜ ଘରକୁ ଫେରି ୩୦ ତାରିଖରେ ଏ ନେଇ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨୦/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ବିଶେଷ ସୂତ୍ରରୁ ଖବର ପାଇ ମାନସ ଭୁବନେଶ୍ୱରରୁ ଗାଁକୁ ଫେରୁଥିବା ସମୟରେ ଶନିବାର ବିଳମ୍ବିତ ରାତିରେ ତାଙ୍କୁ ବିଜୟନଗର ଛକଠାରୁ ଗିରଫ କରିଥିଲେ। ମାନସ ପୋଲିସ ଆଗରେ ଦେଇଥିବା ବୟାନ ଅନୁଯାୟୀ ଘଟଣା ଦିନ ଚତୁର୍ଭୁଜଙ୍କ ଘରୁ ଦୀପୁ ଓ ସୁମନ୍ତଙ୍କ ସହଯୋଗରେ ୫୦୦ଗ୍ରାମ ରୁପା ମୁକୁଟ, ୫ ଓ ୬ ଗ୍ରାମର ୩ଟି ସୁନାମୁଦି, ୭ଗ୍ରାମର ମଙ୍ଗଳସୂତ୍ର, ୧୦ ଗ୍ରାମର ସୁନାଶଙ୍ଖା, ୫ ଗ୍ରାମ କାନରିଙ୍ଗ୍ ଓ ୫ ଗ୍ରାମର କାନଫୁଲ ସହ ନଗଦ ୩ହଜାର ଟଙ୍କା ଚୋରି କରି ନେଇଥିଲେ। ପୋଲିସ ମାନସଙ୍କଠାରୁ ୩୦ଟି ଏକଶହ ଟଙ୍କିଆ ନୋଟ୍ ସହ ଏକ ମୋବାଇଲ ଫୋନ୍ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀଙ୍କଠାରୁ ପ୍ରକାଶ।

## ସଂକ୍ଷେପରେ

### ଦୁଇ ଲୁଟେରା ଗିରଫ



**ନୟାଗଡ଼ ଅଫିସ,୯।୬:** ନୟାଗଡ଼, ପୁରୀ, ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ରାହାଜାନି ଓ ଲୁଟ୍‌ରେ ସମ୍ପୃକ୍ତ ଥିବା ଦୁଇ ଲୁଟେରାଙ୍କୁ ଇଟାମାଟି ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ସଦର ବ୍ଲକ ଗଦାଧରପ୍ରସାଦ ଗ୍ରାମର ପରମାନନ୍ଦ ସାହୁ ଓରଫ ଖଣ୍ଡି ଓ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ହରିପୁରପାଟଣା ଗ୍ରାମର ଅମୀର ଖାନ୍। ଇଟାମାଟି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ କହିବାନୁସାରେ ଏମାନଙ୍କ ନାମରେ ୩ଟି ଜିଲାର ବିଭିନ୍ନ ଥାନାରେ ୫୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଇଟାମାଟି ଥାନାରେ ଖଣ୍ଡିଙ୍କ ନାମରେ ୫ଟି ଓ ଅମୀରଙ୍କ ନାମରେ ୧ଟି ମାମଲା ଥିବା ସେ ପ୍ରକାଶ କରିଛନ୍ତି।

### ବାଇକ୍ ସହ ବାଉଁଶ କରଡି ଜବତ



**ଦଶପଲ୍ଲା,୯।୬ (ଡି.ଏନ.ଏ.):** ଦଶପଲ୍ଲା ବନାଞ୍ଚଳର ପୋଖରୀଗୋଛା ସେକ୍ସନ ବନପାଳ ପାଟ୍ରୋଲିଂ କରୁଥିବା ସମୟରେ ଚଢାଉ କରି ଏକ ବାଇକ୍ ସହ ୩ ବସ୍ତା ବାଉଁଶ କରଡି ଜବତ କରିଛନ୍ତି। ଦୀର୍ଘଦିନ ଧରି ଦଶପଲ୍ଲାର କେତେଜଣ ଅସାଧୁ ବ୍ୟବସାୟୀ କୁଇଣ୍ଟାଲ କୁଇଣ୍ଟାଲ ବାଉଁଶ କରଡି କନ୍ଧମାଳ ଜିଲାର ଫୁଲବାଣୀ ଓ ବାଲିଗୁଡା ଅଞ୍ଚଳକୁ ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଥିଲା। ଏପରିସ୍ଥଳେ ଶନିବାର ରାତିରେ ପୋଖରୀଗୋଛା ସେକ୍ସନ ବନପାଳ ରାକେଶ କୁମାର ସାହୁ ପାଟ୍ରୋଲିଂ କରୁଥିବା ବେଳେ ଖବରପାଇ ଦଶପଲ୍ଲା ବସ୍‌ଷ୍ଟାଣ୍ଡଠାରେ ଚଢାଉ କରିଥିଲେ। ଘଟଣାସ୍ଥଳରୁ ସମ୍ପୃକ୍ତ ବ୍ୟକ୍ତିମାନେ ଖସି ପଳାଇଥିବା ବେଳେ ଏକ ବାଇକ୍ (ଓଡି ୨୫-୦୨୬୫) ଉପରେ ଚାଲାଣ ପାଇଁ ଥିବା ୩ ବସ୍ତା (୪୦କି.ଗ୍ରା.) କରଡି ଜବତ କରିଥିଲେ। ବାଇକ୍ କାହାର ଓ କିଏ ଏସବୁ ଚାଲାଣ କରୁଥିଲା ସେ ନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଚାଲିଥିବା କୁହାଯାଇଛି।

### ୬ ଲଗ୍ କାଠ ଜବତ



**ଦଶପଲ୍ଲା,୯।୬ (ଡି.ଏନ.ଏ.):** ଦଶପଲ୍ଲା ବନାଞ୍ଚଳ ଅଧୀନ ସଦର ସେକ୍ସନର ସ୍ଥାନୀୟ ଜଗାପୁରଠାରେ ରବିବାର ସନ୍ଧ୍ୟାରେ ବନ କର୍ମଚାରୀ ଚଢାଉ କରି ୬ଲଗ୍ କାଠ ଜବତ କରିଛନ୍ତି। ବାହାରକୁ ଚାଲାଣ ଉଦ୍ଦେଶ୍ୟରେ ଏହି କାଠ ରଖାଯାଇଥିବା ନେଇ ବନାଞ୍ଚଳ ଅଧିକାରୀ ସୋମନାଥ ନାୟକ ସୂଚନା ପାଇଥିଲେ। ବନରକ୍ଷୀ ସନ୍ତୋଷ ଦୋରା ଓ ସ୍କ୍ୱାଡ୍ ମିଳିତ ଭାବେ ଚଢାଉ କରିଥିଲେ। ଜବତ କାଠ ମଧ୍ୟରେ ୪ ଶାଗୁଆନ, ୧ କଣ୍ଡି ଓ ୧ ଶିରିଶ ଲଗ୍ ରହିଛି।

### ତାଲିମ ନେଉଥିବା ଛାତ୍ର ଆହତ

**ଖୋର୍ଦ୍ଧା ଅଫିସ,୯।୬:** ଖୋର୍ଦ୍ଧା ଶିଳ୍ପାଞ୍ଚଳର ଏକ ମଦ କମ୍ପାନୀକୁ ତାଲିମ ନେବାକୁ ଆସିଥିବା ଜଣେ ଛାତ୍ର ବିଦ୍ୟୁତ୍ ଆଘାତରେ ଆହତ ହୋଇଛନ୍ତି । ସେ ହେଲେ ପ୍ରଭାତ ଦଳେଇ(ରଞ୍ଜିତ) । ଘର ପିପିଲିର କଣ୍ଟି ଗାଁରେ । ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ପରିବର୍ତ୍ତନ ନଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି।

# ଚଳନ୍ତା ଭ୍ୟାନରେ ନିଆଁ, ବର୍ତ୍ତିଗଲେ ଚାଳକ

ଓଡ଼ଗାଁ, ୯।୬(ସ୍ୱ.ପ୍ର.)



ଭ୍ୟାନରେ ନିଆଁ ଲାଗିଛି।

୨୧ ନମ୍ବର ରାଜ୍ୟ ରାଜପଥର ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ସମ୍ମୁଖରେ ରବିବାର ଏକ ଚଳନ୍ତା ମାରୁତି ଭ୍ୟାନରେ ନିଆଁ ଲାଗି ଜଳିଯାଇଛି। ସୂଚନା ଅନୁସାରେ ମଧ୍ୟାହ୍ନ ସମୟରେ ଓଆର୍‌୦୨ଏକ୍ସ ୭୧୮୧ ନମ୍ବର ବିଶିଷ୍ଟ ଭ୍ୟାନ୍ ଥାନା ସମ୍ମୁଖ ଦେଇ ଯାଉଥିବା ବେଳେ ହଠାତ୍ ସେଥିରେ ନିଆଁ ଲାଗି ଜଳୁଥିବା ଲୋକମାନେ ଦେଖି ପାଟି କରିଥିଲେ । ଏହା ଶୁଣି ଗାଡ଼ି ଚାଳକ ତତ୍‌କ୍ଷଣାତ୍ ଥାନା ସମ୍ମୁଖରେ ଗାଡି ରଖି ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିବା ବେଳେ ପୋଲିସ ଅଧାପୋଡା ଗାଡି ଜବତ କରିଛି। ଅନ୍ୟପକ୍ଷେ ଭ୍ୟାନ୍‌ଟି ଜଳୁଥିବା ବେଳେ ସେଥିରେ ମୃଦୁ ପାନୀୟ ନିମନ୍ତେ ସୋଡା ଗ୍ୟାସ ସିଲିଣ୍ଡର ଥିବାରୁ ବିସ୍ଫୋରଣ ଆଶଙ୍କାରେ ଲୋକେ ଭୟଭୀତ ହୋଇଯାଇଥିଲେ। ଏପରି କି ଦମକଳବାହିନୀ ନିଆଁ ଲିଭାଇବା ପର୍ଯ୍ୟନ୍ତ ସେହି ରାସ୍ତାରେ ଗମନାଗମନ ବନ୍ଦ ହୋଇଯାଇଥିଲା। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲେ ହେଁ ଜନଜୀବନର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲା ପରିବହନ ବିଭାଗ ଓ ପୋଲିସ ମିଳିତ ଭାବେ ତଦନ୍ତ କରି ଏଭଳି ଭ୍ୟାନ୍‌କୁ ଠାବ କରିବା ଉଚିତ ବୋଲି ମତପ୍ରକାଶ ପାଇଛି ।

## ରଜ ପାଇଁ ଦୋଳିର ପସରା

**ଖଣ୍ଡପଡ଼ା,୯।୬(ସ୍ୱ.ପ୍ର.):** ଆସୁଛି ରଜପର୍ବ। ଏଥିନିମନ୍ତେ ଖଣ୍ଡପଡ଼ା, କଣ୍ଟିଲୋ, ଖଳିସାହି, ବାଣପୁର ଆଦି ଅଞ୍ଚଳର ରାସ୍ତାକଡ଼ରେ ଦୋଳିର ପସରା ଦେଖିବାକୁ ମିଳିଛି । ସୁଦୂର ଆନ୍ଧ୍ର ପ୍ରଦେଶରୁ ଆସିଥିବା ଫେରିବାଲା ଯୁବକମାନେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ବିଭିନ୍ନ ପ୍ଲାଷ୍ଟିକ ଦୋଳିର ସମ୍ଭାର ଧରି ଖଣ୍ଡପଡ଼ା ଅଞ୍ଚଳରେ ବିକ୍ରି କରୁଛନ୍ତି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ସତ୍ତ୍ୱେ ରାସ୍ତାପାର୍ଶ୍ୱସ୍ଥ ଆମ୍ବ ଆଦି ଗଛ ଛାଇରେ ବସି ଦୋଳିବିକ୍ରିନିମନ୍ତେ ଗ୍ରାହକଙ୍କ ଅପେକ୍ଷାରେ ରହିଛନ୍ତି ଏହି ଯୁବ ବ୍ୟବସାୟୀମାନେ ।

# ପଠାଣି ସାମନ୍ତ ମହାବିଦ୍ୟାଳୟକୁ ବିଶ୍ୱବ୍ୟାଙ୍କର ସାଢ଼େ ୪କୋଟି ଟଙ୍କା ମଞ୍ଜୁର

ଭାପୁର,୯।୬(ଡି.ଏନ.ଏ.)


ବୈଠକରେ ପରିଚାଳନା କମିଟି କର୍ମକର୍ତ୍ତା।

ନୟାଗଡ଼ ଜିଲା ଭାପୁର ବ୍ଲକ ବାଇଗୁଣିଆଁ ଗ୍ରାମସ୍ଥିତ ପଠାଣି ସାମନ୍ତ ମହାବିଦ୍ୟାଳୟକୁ ବିଶ୍ୱବ୍ୟାଙ୍କ ୪କୋଟି ୫୨ଲକ୍ଷ ଟଙ୍କା ମଞ୍ଜୁର କରିଛି। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ ରବିବାର ପୂର୍ବତନ ବିଧାୟକ ତଥା କମିଟି ସଭାପତି ଅନୁଭବ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶ୍ୱବ୍ୟାଙ୍କର ଏହି ଅନୁଦାନ ରାଶିରେ ସ୍ମାର୍ଟ ଅଡ଼ିଟୋରିୟମ୍, ସ୍ମାର୍ଟ କ୍ଲାସ ରୁମ୍, ସ୍ମାର୍ଟ ଲାଇବ୍ରେରି, ମିନି ଷ୍ଟାଡ଼ିୟମ୍, ସୌରଶକ୍ତି ବ୍ୟବସ୍ଥା ଆଦି ନିର୍ମାଣ କରାଯିବା ପାଇଁ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ବିଭିନ୍ନ ବିଭାଗ ନିମନ୍ତେ ଆବଶ୍ୟକ ଥିବା ଅଧ୍ୟାପକ ନିଯୁକ୍ତି ସହିତ ଜଣେ ଇଲେକ୍ଟ୍ରିସିଆନ୍, ଜଣେ ସୁଇପରଙ୍କୁ ନିଯୁକ୍ତି ଦେବା ପାଇଁ ଆଲୋଚନା ହୋଇଥିଲା। ମ୍ୟାନେଜମେଣ୍ଟ ପୋଷ୍ଟରେ ଥିବା ଅଧ୍ୟାପକ, କିରାଣି ଏବଂ ପିଅନମାନଙ୍କ ଦରମା ଆସନ୍ତା ମାସଠାରୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ମହାବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ତଥା ଅଧ୍ୟକ୍ଷ ଡ. ବ୍ରଜମୋହନ ନାୟକ, ବରିଷ୍ଠ ସଭ୍ୟ ରବୀନ୍ଦ୍ର କୁମାର ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ଗୋବର୍ଦ୍ଧନ ତ୍ରିପାଠୀ, ଆର୍ତ୍ତତ୍ରାଣ ଷଡ଼ଙ୍ଗୀ, ବିରଞ୍ଚି ନାରାୟଣ ଶତପଥୀ, ତୃପ୍ତି ମିଶ୍ର, ଅଶୋକ କୁମାର ସାହୁଙ୍କ ସମେତ ଅନ୍ୟ ସଭ୍ୟମାନେ ଯୋଗଦେଇଥିଲେ।

# ପୂର୍ବତନ ବିଧାୟକଙ୍କ ଦ୍ୱାରା ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ଖଣ୍ଡପଡ଼ା,୯।୬(ସ୍ୱ.ପ୍ର.)

ଚଳିତ ଶିକ୍ଷାବର୍ଷ ମାଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷାରେ ନିଜ ନିଜ ଶିକ୍ଷାନୁଷ୍ଠାନରେ ପ୍ରଥମ ଶ୍ରେଣୀରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ଖଣ୍ଡପଡ଼ା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ, ଏହି ପରୀକ୍ଷାରେ ଏ–୧ ଗ୍ରେଡ଼ ପାଇଥିବା ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ଛାତ୍ର ପଞ୍ଚାନନ ସ୍ୱାଇଁ, ଆର୍‌ସି ହାଇସ୍କୁଲର ଛାତ୍ରୀ ଶୁଭସ୍ମିତା ଚୌଧୁରୀ, ଭଗବତୀ ବିଦ୍ୟାପୀଠ ଛାତ୍ର ଅବିନାଶ ସାହୁ ଓ ବାଲୁଙ୍କେଶ୍ୱରଦେବ ବିଦ୍ୟାପୀଠ ଛାତ୍ରୀ ଓମ୍‌ପ୍ରିୟା ସାହୁ ପ୍ରମୁଖ ଟପ୍ପର ହୋଇଛନ୍ତି । ପଟ୍ଟନାୟକ ଅବିନାଶଙ୍କ ଗୃହକୁ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଅନ୍ୟ ୩ ଜଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ଯୁକ୍ତଦୁଇ ବିଜ୍ଞାନ ଶ୍ରେଣୀରେ ପିଏସ୍ କଲେଜ ଛାତ୍ରୀ ଦୀପ୍ତିମୟୀ ସାହୁ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଛାତ୍ର ଶିବଶଙ୍କର ବେହୁରିଆ ଓ ପଦ୍ମାବତୀ ମହାବିଦ୍ୟାଳୟର ଛାତ୍ରୀ ମଧୁସ୍ମିତା ସିଠ ପ୍ରଥମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ର ସଦାଶିବଙ୍କୁ ତାଙ୍କ ବଡବାଣପୁର ବାସଭବନରେ ପୂର୍ବତନ ବିଧାୟକ ସମ୍ବର୍ଦ୍ଧିତ କରିଛନ୍ତି। ଏ ସମୟରେ ବାଣପୁର ସରପଞ୍ଚ ପ୍ରଦୀପ କୁମାର କର ଓ ଗ୍ରାମବାସୀ ଶରତ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ ।

# ସେବା ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

ନୂଆଗାଁ,୯।୬ (ଡି.ଏନ.ଏ.)

ନୟାଗଡ଼ ଜିଲା ସେବା ସମିତି ପକ୍ଷରୁ ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଶିବରାମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚଳିତମାସ ୨ ତାରିଖଠାରୁ ଜିଲାବ୍ୟାପୀ ସେବା କାର୍ଯ୍ୟକ୍ରମ ଜାରି ରହିଛି। ନବମ ଦିନରେ ଉଦୟପୁରଠାରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଆଖପାଖ ଅଞ୍ଚଳର ପ୍ରାୟ ୧୭୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏହାସହ ନୀରୋଗ ରହିବାର ଉପାୟ ବିଷୟରେ ସୂଚନା ଦିଆଯାଇଥିଲା। ଡା. ଅପୂର୍ବ ଜେନା, ଡା. ରାଜେଶ ମିଶ୍ର ଓ ଡା. ରବି ନାରାୟଣ ନନ୍ଦ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାମାଜିକ କର୍ମୀ ସଞ୍ଜୟ କୁମାର ସାହୁ, ଉଦୟପୁର ସରପଞ୍ଚ ଅସୀତ ପଟ୍ଟନାୟକ, ସମିତି ସଭ୍ୟ ଜିତେନ୍ଦ୍ର କୁମାର ବରାଡ, ରଞ୍ଜନ କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ। ସୋମବାର ନୟାଗଡ଼ଠାରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସମିତି ସଭାପତି ମହାପାତ୍ର ସୂଚନା ଦେଇଛନ୍ତି।


ସ୍ୱାସ୍ଥ୍ୟ ପରୀକ୍ଷା ପରେ ଔଷଧ ବିତରଣ କରାଯାଉଛି।

## ମାଳିସାହିରେ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ

# ମାଟିର ମର୍ଯ୍ୟାଦାକୁ ରକ୍ଷା କରିବାକୁ ଆହ୍ୱାନ

ନୟାଗଡ଼ ଅଫିସ,୯।୬



ଜଣେ ବକ୍ତା ନିଜର ବକ୍ତବ୍ୟ ରଖୁଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହିସ୍ଥିତ ଗତିଶ୍ୱର ମନ୍ଦିର ପରିସରରେ ଶୁକ୍ରବାର ସନ୍ଧ୍ୟାରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ପ୍ରାଧ୍ୟାପକ ମେଜର ଚିନ୍ତାମଣି ଭାରତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଞ୍ଜଙ୍କ ଶ୍ରେଷ୍ଠତମ କୃତି ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରଭୃତି ସମୀକ୍ଷା କରି ଏହାର ଶାଣିତ ଶବ୍ଦଶୈଳୀ, ଅର୍ଥଗୌରବ ଓ ରସାଳତାକୁ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ସାହିତ୍ୟସ୍ରଷ୍ଟା ପ୍ରାଧ୍ୟାପକ ପ୍ରେମାନନ୍ଦ ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଭଞ୍ଜଙ୍କ ନୟାଗଡ଼ ମାଳିସାହି ଆଗମନର ପୃଷ୍ଠଭୂମି, ସାଧନା କ୍ଷେତ୍ର ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି ମାଳିସାହିଠାରେ ଥିବା ଗତିଶ୍ୱର ମହାଦେବ ଓ ଢେଙ୍କେଶସ୍ଥିତ ରଘୁନାଥଙ୍କ ମହାତ୍ମ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ରୀତିଯୁଗର କବି ଉପେନ୍ଦ୍ର ଭଞ୍ଜଙ୍କ କାଳଜୟୀ କାବ୍ୟକୃତି ଯୁଗେ ଯୁଗେ ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରୁଥିବ ବୋଲି ପ୍ରକାଶ କରିଥିଲେ। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାରସ୍ୱତ ପୀଠ ମାଳିସାହିର ଐତିହ୍ୟ ବର୍ଣ୍ଣନା କରିବା ସହ ଆଗାମୀ ପିଢ଼ି ଜ୍ଞାନ-ବିଜ୍ଞାନରେ ଉଦ୍‌ଭାସିତ ହୋଇ ମାଟିର ମର୍ଯ୍ୟାଦାକୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସାହିତ୍ୟିକ ବିଶ୍ୱନାଥ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଚ୍ଛେଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।